RNI No.ODIODI/2010/33031
୧୭ ବର୍ଷ Volume-17
ISSUE -111 ସଂଖ୍ୟା-୧୧୧
ଭୁବନେଶ୍ୱର, ଶୁକ୍ରବାର ୧୦ ଜୁଲାଇ ୨୦୨୬
Bhubaneswar, Friday 10 July, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନର ଶୁଭାରମ୍ଭ କଲେ ଉପରାଷ୍ଟ୍ରପତି

**ଭୁବନେଶ୍ୱର,୯।୭(ପିଆଇବି):** ଭାରତର ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର ଓ ପ୍ରଗତିଶୀଳ 'ନୀଳ ଅର୍ଥବ୍ୟବସ୍ଥା' ଇତିହାସରେ ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଜାତୀୟସ୍ତରର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ମୁକ୍ତ ସାଗରରେ ଦୀର୍ଘସ୍ଥାୟୀ ମତ୍ସ୍ୟ ଉତ୍ପାଦନ ଲାଗି ଉଦ୍ଦିଷ୍ଟ 'ଗଭୀର ସମୁଦ୍ରରେ ଦୀର୍ଘସ୍ଥାୟୀ ମାଛ ଉତ୍ପାଦନ ଲାଗି ଗୌରବକୁ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପୁନର୍ଜୀବିତ କରିବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି ଉପରାଷ୍ଟ୍ରପତି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଦେଶର ସାମୁଦ୍ରିକ କ୍ଷେତ୍ରରେ ଯେଉଁ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଛି, ତାହା ଅଭୁତପୂର୍ବ। ଆମର ମତ୍ସ୍ୟଜୀବୀ ସମୁଦାୟ ନିଜର କଠିନ ପରିଶ୍ରମ ବଳରେ ଦେଶର ଅର୍ଥନୀତିକୁ ସୁଦୃଢ଼ ଓ ଶକ୍ତିଶାଳୀ କରୁଛନ୍ତି। ସାମୁଦ୍ରିକ ଖାଦ୍ୟ ସମଗ୍ର ଦେଶ ଓ ବିଶ୍ୱକୁ

- ୫୦ ନିୟୁତ ମତ୍ସ୍ୟଜୀବୀଙ୍କ ଜୀବିକା ସୁଦୃଢ଼ ହେବ- ରାଜ୍ୟପାଳ
- ଅନ୍ତର୍ଜାତୀୟ ଜଳସୀମାରେ ମାଛ ଧରିବେ ଓଡ଼ିଆ ମତ୍ସ୍ୟଜୀବୀ
- ଓଡ଼ିଶାକୁ ପୂର୍ବ ଭାରତର ପ୍ରମୁଖ 'ମେରିନ୍ ହବ୍'ରେ ପରିଣତ କରାଯିବ, ଓଡିଶାର ନୀଳ ଅର୍ଥନୀତି ସମୃଦ୍ଧ ହେବ- ମୁଖ୍ୟମନ୍ତ୍ରୀ

ଅନୁମୋଦନ ପତ୍ର'ର ଜାତୀୟ ଶୁଭାରମ୍ଭ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ଓଡ଼ିଆ ଭାଷାରେ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ସେ ଓଡ଼ିଶାର ସାଂସ୍କୃତିକ ଓ ନୌବାଣିଜ୍ୟର ସ୍ୱର୍ଣ୍ଣିମ ଇତିହାସର ସ୍ମୃତି ଚାରଣ କରି କହିଥିଲେ। ଓଡ଼ିଶାର ଐତିହାସିକ ବାଲିଯାତ୍ରା ଏବଂ ବୋଇତ ବନ୍ଦାଣ ଉତ୍ସବ ଏହି ମାଟିର ବୀର ସାଧବ ପୁଅମାନଙ୍କ ସମୁଦ୍ର ଯାତ୍ରା ଓ ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ଜ୍ୱଳନ୍ତ ପ୍ରତୀକ। ଆଜିର ଏହି ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ସେହି ପୁରାତନ ପ୍ରୋଟିନ୍ ଯୋଗାଇବାରେ ସବୁଠାରୁ ପ୍ରମୁଖ ଉତ୍ସ ସାଜିଛି। ଏହି ପରିପ୍ରେକ୍ଷୀରେ ଆଜିର ବୈଷୟିକ ଓ ବୈଜ୍ଞାନିକ ଅବଦାନ ମତ୍ସ୍ୟଜୀବୀଙ୍କ ପାଇଁ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ଲାଭଦାୟକ ସାବ୍ୟସ୍ତ ହେବ।

ରାଧାକୃଷ୍ଣନ୍ କହିଛନ୍ତି ଯେ, 'ଭାରତୀୟ-ପତାକାଧାରୀ ମାଛଧରା ଜାହାଜ ଦ୍ୱାରା ଦୀର୍ଘସ୍ଥାୟୀ ଗଭୀର-ସମୁଦ୍ର ମାଛଧରା ପାଇଁ ମାର୍ଗଦର୍ଶିକା ୨୦୨୫' ଅଧୀନରେ ଅନୁମୋଦନ ପତ୍ର ହାସଲ କରିବା ଏକ ବାଧ୍ୟତାମୂଳକ ଆବଶ୍ୟକତା। ଏହି ଏଲଓଏ କେବଳ ନିର୍ଦ୍ଦିଷ୍ଟ ଜାହାଜକୁ ମିଳିବ ଏବଂ ଏହା ଅଣ-ହସ୍ତାନ୍ତରଯୋଗ୍ୟ ଅଟେ। ଯାହା ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ଢାଞ୍ଚା ପ୍ରଦାନ କରିବ। ଏହା 'ରିଅଲକ୍ରାଫ୍ଟ ମାଛଧରା ଜାହାଜ ପଞ୍ଜୀକରଣ ପୋର୍ଟାଲ୍' ସହିତ ସମନ୍ୱିତ ହୋଇଥିବାରୁ ବ୍ୟବସ୍ଥିତ, ତଥ୍ୟ- ପରିଚାଳିତ ଏବଂ ପ୍ରତ୍ୟକ୍ଷ ନିରୀକ୍ଷଣଯୋଗ୍ୟ କାର୍ଯ୍ୟ ସୁନିଶ୍ଚିତ ହୋଇଥାଏ। ଏହି ପ୍ରକ୍ରିୟା ଅନଲାଇନ୍ ଏବଂ ବାସ୍ତବ ସମୟରେ ଟ୍ରାକିଂ ହୋଇପାରୁଥିବାରୁ ଏହା ମତ୍ସ୍ୟଜୀବୀ ଓ ଜାହାଜ ପରିଚାଳକମାନଙ୍କ ପାଇଁ ନିୟମର ଅନୁପାଳନକୁ ସରଳ କରିବ। ଏହି ଜାହାଜଗୁଡ଼ିକ ଭାରତୀୟ ସାମୁଦ୍ରିକ ଖାଦ୍ୟ ରପ୍ତାନିକୁ ଏକ ନୂଆ ଉଚ୍ଚତାକୁ ନେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଏହି ଜାତୀୟ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଦେଶର ବିଭିନ୍ନ ଉପକୂଳବର୍ତ୍ତୀ ରାଜ୍ୟରୁ ଆସିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଖଚ୍ଚଇ ପ୍ରଦାନ କରିଥିଲେ। ଏହି ଅନୁମୋଦନ ପତ୍ର ପାଇଥିବା ସଂସ୍ଥା ଓ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ଓଡ଼ିଶାର ପାରାଦୀପ ସମେତ ମହାରାଷ୍ଟ୍ର, କେରଳ, ତାମିଲନାଡୁ, ଗୋଆ, ଆନ୍ଧ୍ରପ୍ରଦେଶ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଦେଶର ଅନ୍ୟାନ୍ୟ ପ୍ରମୁଖ ଉପକୂଳ ଅଞ୍ଚଳରୁ ଆସିଥିବା ସାମୁଦ୍ରିକ ସମବାୟ ସମିତିର ପ୍ରତିନିଧିମାନେ ସାମିଲ ଥିଲେ। ଏହି ବଣ୍ଟନ ଭାରତର ସମଗ୍ର ସାମୁଦ୍ରିକ ସୀମାକୁ ସୁଦୃଢ଼ କରିବା ସହ ଅନ୍ତର୍ଜାତୀୟ ଜଳସୀମାରେ ଦେଶର ଜାହାଜଗୁଡ଼ିକର ସାର୍ବଭୌମତ୍ୱ ଏବଂ ନିୟନ୍ତ୍ରିତ ମାଛଧରାକୁ ସୁନିଶ୍ଚିତ କରିବ।

ସମାରୋହରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି ଯେ, ଭାରତର ଦୀର୍ଘ ଉପକୂଳ ଏବଂ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ଦେଶର ପ୍ରାୟ ୫୦ ନିୟୁତ ମତ୍ସ୍ୟଜୀବୀଙ୍କୁ ଜୀବିକା ପ୍ରଦାନ କରୁଛି।

ଏହି ଏଲଓଏ କାର୍ଯ୍ୟକ୍ରମ ଦ୍ୱାରା ଦେଶର ମତ୍ସ୍ୟଜୀବୀ ପରିବାର ଗୁଡ଼ିକ ସ୍ୱଚ୍ଛଳ ଓ ସମୃଦ୍ଧ ହୋଇପାରିବେ। ଓଡ଼ିଶା ଭଳି ରାଜ୍ୟ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହେବେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ମୁକ୍ତ ସାଗରରେ ଭାରତୀୟ ପତାକାଧାରୀ ଜାହାଜଗୁଡ଼ିକ ଦ୍ୱାରା ମତ୍ସ୍ୟ ସମ୍ପଦର ଦୀର୍ଘସ୍ଥାୟୀ ଉପଯୋଗ ପାଇଁ ଏହି 'ଲେଟର ଅଫ୍ ଅଥରାଇଜେସନ୍ (ଏଲଓଏ)' ପ୍ରଦାନର ଜାତୀୟ ଶୁଭାରମ୍ଭ ଓଡ଼ିଶା ମାଟିରେ ହେବା ଆମ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ଆମ ସମୁଦ୍ର କେବଳ ଭୌଗୋଳିକ ସୀମା ନୁହେଁ, ବରଂ ରାଜ୍ୟର ୬ ଲକ୍ଷ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଜୀବନରେଖା ଓ ପରିଚୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଭାରତ ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ ଏକ ଐତିହାସିକ ନୂତନ ଅଧ୍ୟାୟରେ ପ୍ରବେଶ କରୁଛି।

ସୂଚନାଯୋଗ୍ୟ ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ପ୍ରାୟ ୭୩, ୮୯୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି କରି ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ କରିପାରିଛି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ମାଛଧରା କାର୍ଯ୍ୟ ଉପକୂଳର ୪୦-୫୦ ନଟିକାଲ ମାଇଲ ମଧ୍ୟରେ ସୀମିତ ଥିବାବେଳେ ଗଭୀର ସମୁଦ୍ରର ଅନ୍ତର୍ଜାତୀୟ ଜଳସୀମାରେ ଟୁନା ଭଳି ଉଚ୍ଚ-ମୂଲ୍ୟର ମାଛ ଧରିବା ପାଇଁ ଏହି ନୂତନ ନୀତି ବଡ ସୁଯୋଗ ଆଣିଦେବ। ଖାଦ୍ୟ ସୁରକ୍ଷା ଓ ପୋଷଣ କ୍ଷେତ୍ରକୁ ସୁଦୃଢ଼ କରିବ। ଏହି ଅବସରରେ ଉପରାଷ୍ଟ୍ରପତି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ସଫଳତା 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ଡକୁମେଣ୍ଟ (୨୦୨୬-୨୦୩୬)'କୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। କେନ୍ଦ୍ର ସରକାରଙ୍କ ମତ୍ସ୍ୟ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ଜାତୀୟ ସମବାୟ ରପ୍ତାନି ଲିମିଟେଡ୍ ସମେତ ବିଭିନ୍ନ ପ୍ରମୁଖ ମତ୍ସ୍ୟ ସମବାୟ ସମିତି ଏବଂ ମାଛଧରା ଜାହାଜର ମାଲିକମାନଙ୍କୁ ସ୍ୱତନ୍ତ୍ର ଅନୁମୋଦନ ପତ୍ର ବଣ୍ଟନ କରାଯାଇଛି। ଯାହା ଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡ଼ିକୁ ଦେଶର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ବାହାରେ ଥିବା ଗଭୀର ଅନ୍ତର୍ଜାତୀୟ ସାମୁଦ୍ରିକ ଜଳସୀମାରେ ନିୟନ୍ତ୍ରିତ ଓ ଦାୟିତ୍ୱପୂର୍ଣ୍ଣ ଭାବେ ଉଚ୍ଚ-ମୂଲ୍ୟବାନ ମାଛ ଧରିବା ପାଇଁ ଅନୁମତି ମିଳିପାରିବ।



# ଗଭୀର ସମୁଦ୍ର ମାଛଧରା ମିଶନ ମତ୍ସ୍ୟଜୀବୀଙ୍କ ଭାଗ୍ୟ ବଦଳାଇବ : ଧର୍ମେନ୍ଦ୍ର

ଭୁବନେଶ୍ୱର, ୯।୭ (ନି.ପ୍ର.): ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ' ଦ୍ୱାରା ବ୍ଲୁ-ଇକୋନୋମି ମାଧ୍ୟମରେ ରାଜ୍ୟର ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହେବ ଏବଂ ହଜାର ହଜାର ମତ୍ସ୍ୟଜୀବୀ ପରିବାର ପାଇଁ ଆଗାମୀ ଦିନରେ ନୂତନ ଜୀବିକାର ସୁଯୋଗ ସୃଷ୍ଟି ହେବ । ଆଜିର ପଦକ୍ଷେପ ମତ୍ସ୍ୟଜୀବୀ ଭାଇ ଭଉଣୀମାନଙ୍କ ଭାଗ୍ୟ ବଦାଇବା ସହ ଏହି ନୂତନ ବ୍ୟବସ୍ଥା ଦ୍ୱାରା ଆମ ରାଜ୍ୟର ମତ୍ସ୍ୟଜୀବୀ ସମବାୟ ସମିତିଗୁଡ଼ିକ ସିଧାସଳଖ ଉପକୃତ ହେବେ । ଗୁରୁବାର ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ପ୍ରାଧିକରଣ ପତ୍ର' (ଏଲଓଏ) ଆବଣ୍ଟନ ଏବଂ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ପଞ୍ଚାୟତିରାଜ, ମତ୍ସ୍ୟପାଳନ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ.ପି. ସିଂହ ବାଘେଲ ଏବଂ ଓଡ଼ିଶାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି କହିଛନ୍ତି ଯେ, ୨୦୧୪ ପରେ ଦେଶରେ ମତ୍ସ୍ୟପାଳନ ଏବଂ ଏହାର ଆନ୍ତର୍ଜାତୀୟ ବଜାର ବ୍ୟବସ୍ଥାରେ ଏକ ବ୍ୟାପକ ସୁଧାର ଆସିଛି। ବିଶ୍ୱର ବିଷମ ପରିସ୍ଥିତି ଏବଂ ବହୁ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ ମାତ୍ର ୧ ବର୍ଷ ଭିତରେ ୧୧,୦୦୦ କୋଟି ଟଙ୍କାରୁ ଅଧିକ ଟଙ୍କାର ମାଛ ରପ୍ତାନି ବୃଦ୍ଧି କରିବା ସହ ୨୧% ରପ୍ତାନୀ ଅଭିବୃଦ୍ଧି ହାସଲ କରିଛି । ଏହା ଦେଶର ଅର୍ଥନୀତିକୁ ମଜବୁତ କରିବା ସହ 'ବିକଶିତ ଭାରତ'ର ସଂକଳ୍ପକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ।



ଓଡ଼ିଶାର ସମ୍ଭାବନା ଏବଂ ପ୍ରତିବେଶୀ ଆନ୍ଧ୍ରପ୍ରଦେଶ ସହ ଏହାର ତୁଳନାତ୍ମକ ଚିତ୍ର ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ତୁଳନାରେ ଓଡ଼ିଶାର ସମୁଦ୍ର ଉପକୂଳ (୫୭୫ କିମି) ପ୍ରାୟ ଅଧା ଏବଂ ନଦୀ-କେନାଲର ଜଳାଶୟ କ୍ଷେତ୍ରରେ ସମାନତା ଥିଲେ ମଧ୍ୟ ଓଡ଼ିଶାର ୧୨ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ସାମ୍ନାରେ ଆନ୍ଧ୍ରପ୍ରଦେଶ ପ୍ରାୟ ୪୫ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ କରୁଛି । ଏହି ବ୍ୟବଧାନ ଆମ ପାଇଁ ଯେତିକି ବଡ଼ ଆହ୍ୱାନ, ସେତିକି ବଡ଼ ସମ୍ଭାବନା ମଧ୍ୟ ସୃଷ୍ଟି କରୁଛି । ତେଣୁ ଆମକୁ କୋପରେଟିଭ ସେକ୍ଟର (ସମବାୟ କ୍ଷେତ୍ର)କୁ ଅଧିକ ମହତ୍ୱ ଦେବାକୁ ହେବ, ଗ୍ରାମୀଣ ରାସ୍ତାଘାଟ ଓ ଭିତ୍ତିଭୂମି ଭଲ କରିବାକୁ ହେବ ଏବଂ ମତ୍ସ୍ୟ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ପାଇଁ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ହେବ। ରାଜ୍ୟର ପ୍ରାୟ ୧ କୋଟି ପରିବାରଙ୍କ କଲ୍ୟାଣ ତଥା ମତ୍ସ୍ୟପାଳନ କ୍ଷେତ୍ରକୁ ଏକ ନୂଆ ରୂପ ଦେବା ପାଇଁ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବଦ୍ଧପରିକର ।

ଭାରତୀୟ ପତାକାଧାରୀ ଜାହାଜଗୁଡ଼ିକୁ ଗଭୀର ସମୁଦ୍ରରେ ମତ୍ସ୍ୟ ସଂଗ୍ରହ ପାଇଁ ଅନୁମତି ପତ୍ର ପ୍ରଦାନ କରିବାର ଏହି ଐତିହାସିକ ଜାତୀୟ ଶୁଭାରମ୍ଭ ମତ୍ସ୍ୟଜୀବୀମାନଙ୍କୁ ଆଧୁନିକ ଓ ସଶକ୍ତ କରିବ। ମତ୍ସ୍ୟଜୀବୀ ଓ ଜାହାଜ ମାଲିକମାନଙ୍କ ସୁବିଧା ପାଇଁ କେନ୍ଦ୍ର ସରକାର 'ରିଅଲ୍ କ୍ରାଫ୍ଟ' ଡିଜିଟାଲ୍ ପ୍ଲାଟଫର୍ମକୁ ଅପଗ୍ରେଡ୍ କରିଛନ୍ତି, ଯାହାଦ୍ୱାରା ବର୍ତ୍ତମାନ କୌଣସି ଅଯଥା କାଗଜପତ୍ରର ଚିନ୍ତା ନଥାଇ, ସ୍ୱଳ୍ପ ଫିସ୍ ଦେଇ ସମ୍ପୂର୍ଣ୍ଣ ଅନଲାଇନରେ ଏଲଓଏ ପାଇପାରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ଡିଜିଟାଲ୍ ଇଣ୍ଡିଆ' ଏବଂ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍'ର ଏକ ଶ୍ରେଷ୍ଠ ନିଦର୍ଶନ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଓଡ଼ିଶାର ସମସ୍ତ ମତ୍ସ୍ୟଜୀବୀ ଭାଇଭଉଣୀଙ୍କୁ ରାଜ୍ୟର ମତ୍ସ୍ୟପାଳନ ଶିଳ୍ପକୁ ଆଗକୁ ନେବା ପାଇଁ କଟିବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି।

# ହୀରାକୁଦରୁ ଛଡ଼ାଗଲା ପ୍ରଥମ ବନ୍ୟା ଜଳ

ସମ୍ବଲପୁର,୯।୭(ନି.ପ୍ର.): ବାଜିରା ସାଇରନ୍ । ଖୋଲିଲା ହୀରାକୁଦ ୭ ନମ୍ବର ସ୍ଲୁଇସ୍ ଗେଟ୍। ମହାନଦୀକୁ ଛଡ଼ାଗଲା ବର୍ଷ ପ୍ରଥମ ବନ୍ୟାଜଳ। ପରମ୍ପରା ଅନୁସାରେ ପୂଜାପାଠ ପରେ ପ୍ରଥମେ ହୀରାକୁଦ ସ୍ପିଲୱେର ୭ ନମ୍ବର ସ୍ଲୁଇସ୍ ଗେଟ୍ ଖୋଲାଯାଇଥିଲା । ପରେ ପର୍ଯ୍ୟାୟକ୍ରମେ ବାମ ପାର୍ଶ୍ୱରୁ ଆଉ ୩ଟି ଗେଟ୍ ଖୋଲା ଯାଇଛି । ପରେ ସ୍ଥିତିକୁ ଦେଖି ଆଉ ୩ଟି ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ଜଳଭଣ୍ଡାରରେ ଜଳସ୍ତର ପ୍ରାୟ ୬୧୪.୬୫ ଫୁଟ୍ ରହିଛି।



ସୂଚନା ଅନୁଯାୟୀ, ଉପରମୁଣ୍ଡରେ ପ୍ରବଳ ବର୍ଷା ଫଳରେ ଜଳଭଣ୍ଡାର ଜଳସ୍ତର ବୃଦ୍ଧି ପାଉଥିବାରୁ ଗୁରୁବାର ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି । ପୂଜାପାଠ ପରେ ପ୍ରଥମେ ହୀରାକୁଦ ସ୍ପିଲୱେର ୭ ନମ୍ବର ସ୍ଲୁଇସ୍ ଗେଟ୍ ଖୋଲିଛି। ପର୍ଯ୍ୟାୟକ୍ରମେ ସ୍ପିଲ୍‌ୱେର ଆଉ ୩ଟି ସ୍ଲୁଇସ୍ ଗେଟ୍ ଜଳ ନିଷ୍କାସନ କରାଯାଉଛି। ମହାନଦୀ ଓ ଏହାର ଶାଖା ନଦୀର ଜଳସ୍ତର ବୃଦ୍ଧି ପାଇବ । ତେଣୁ ନଦୀ ଅବବାହିକା ଓ ତଳମୁଣ୍ଡରେ ଥିବା ଲୋକଙ୍କୁ ମହାନଦୀରେ ପ୍ରବେଶ ନକରିବା ସହ ସତର୍କ ରହିବାକୁ ଡାକବାଜୀ ଯନ୍ତ୍ର ମାଧ୍ୟମରେ ଅବଗତ କରାଯାଇଛି ।

ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟା ଜଳ ଛାଡ଼ିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ହୀରାକୁଦ ମୁଖ୍ୟ ବନ୍ଧ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି। ଅଧିସୂଚିତ ଅଞ୍ଚଳରେ ଡ୍ରୋନ୍, ମାଇକ୍ରୋଲାଇଟ୍ ବିମାନ ଏବଂ ଅନ୍ୟାନ୍ୟ ସମସ୍ତ ମାନବହୀନ କିମ୍ବା ମାନବଚାଳିତ ଆକାଶ ଉପକରଣର ପରିଚାଳନା ସମ୍ପୂର୍ଣ୍ଣ ନିଷେଧ। ସମସ୍ତେ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ ଏବଂ ସୁରକ୍ଷା ସୁନିଶ୍ଚିତ କରିବାରେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ବୃଦ୍ଧି ହେଉଛି।

# ଗଜପତିଙ୍କ ଅପିଲ୍‌କୁ ଇସ୍କନର ବେଖାତିର

ଭୁବନେଶ୍ୱର,୯।୭ (ନି.ପ୍ର.): ଗଜପତିଙ୍କ ଅପିଲ୍‌କୁ ଇସ୍କନ୍ ର ସିଧା ସିଧା ବେଖାତିର। ବିଦେଶରେ ମନଇଛା ତାରିଖରେ ରଥଯାତ୍ରା କରିବା ନିଷ୍ପତ୍ତିକୁ ବଦଳାଇବନି ଇସ୍କନ୍ । ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ସୁରକ୍ଷାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ଇସ୍କନ ମଧ୍ୟରେ ଚାଲିଥିବା ବିବାଦ ଏବେ ଏକ ନୂଆ ମୋଡ଼ ନେଇଛି। ଗତ ୪ ଜୁଲାଇ ୨୦୨୬ରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଇସ୍କନ ଗଭର୍ଣ୍ଣିଙ୍ଗ ବଡି କମିଶନ ଅଧ୍ୟକ୍ଷ ମଧୁସେବିତ ଦାସଙ୍କୁ ଏକ ଜରୁରୀ ପତ୍ର ଲେଖିଥିଲେ। ଏଥିରେ ସେ ୧୯ ଅକ୍ଟୋବର ୨୦୨୫ର ଜିବିସି ନିଷ୍ପତ୍ତିକୁ ପୁନର୍ବିଚାର କରିବାକୁ ଅନୁରୋଧ କରିଥିଲେ, ଯେଉଁଥିରେ ବିଦେଶରେ ମନଇଚ୍ଛା ତାରିଖରେ ଅଦିନିଆ ରଥଯାତ୍ରା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ୭ ଜୁଲାଇ ୨୦୨୬ରେ ଇସ୍କନ ଅଧ୍ୟକ୍ଷ ମଧୁସେବିତ ଦାସ ଏକ ଇମେଲ୍ ଜରିଆରେ ଗଜପତିଙ୍କ ଏହି ଆବେଦନକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି।

ସେ ଦୃଢ଼ତାର ସହ ଜଣାଇଛନ୍ତି ଯେ, "ଏହି ବିଷୟରେ ଅଧିକ କିଛି କହିବାର ନାହିଁ, ଏବଂ ଆମେ ସମ୍ମାନର ସହ ଏହି ଆଲୋଚନାରୁ ସଦାସର୍ବଦା ପାଇଁ ଓହରି ଯାଉଛୁ।" ଗଜପତି ମହାରାଜା ନିଜ ଚିଠିରେ ସ୍ପଷ୍ଟ କରିଥିଲେ ଯେ ଶାସ୍ତ୍ର ମୁତାବକ ସ୍ନାନଯାତ୍ରା କେବଳ ଜ୍ୟେଷ୍ଠ ପୂର୍ଣ୍ଣିମା ଏବଂ ନବଦିନାତ୍ମକ ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ହିଁ ଆରମ୍ଭ ହେବା ଉଚିତ। ଅଦିନିଆ ରଥଯାତ୍ରା ଆୟୋଜନ ଜଗନ୍ନାଥ ସଂସ୍କୃତିର ଅବମାନନା ବୋଲି ଗଜପତି ମହାରାଜ କହିଥିଲେ । ଇସ୍କନର ଏଭଳି ଏକତରଫା ଆଭିମୁଖ୍ୟ ପରେ ଗଜପତି ମହାରାଜା ଭାରତର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ବିଦେଶରେ ଏହି ପରମ୍ପରା ଉଲ୍ଲଂଘନ ଯୋଗୁଁ ବିଶ୍ୱବ୍ୟାପୀ ଜଗନ୍ନାଥ ପ୍ରେମୀ ଓ ଓଡ଼ିଆ ସମ୍ପ୍ରଦାୟ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

# ଦୁର୍ଘଟଣାପ୍ରବଣ ଅଂଚଳରେ ନିୟୋଜନ ହେବ ଆମ୍ବୁଲାନ୍ସ

ଭୁବନେଶ୍ୱର, ୯।୭(ନି.ପ୍ର.): ବଢୁଥିବା ଜନସଂଖ୍ୟା ଓ ସଚେତନତା ଅଭାବରୁ ଦିନକୁ ଦିନ ସଡ଼କ ଦୁର୍ଘଟଣା ଘଟଣାମାନ ଦେଖିବାକୁ ମିଳୁଛି । ଦ୍ରୁତ ଗତିରେ ଗାଡ଼ି ଚଳାଇବା, ହେଲ୍‌ମେଟ୍ ପରିଧାନ ନ କରିବା, ଟ୍ରାଫିକ୍ ନିୟମ ନ ମାନିବା ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ଯୋଗୁଁ ଅନେକ ଦୁର୍ଘଟଣା ଘଟିବା ସହ ଧନଜୀବନ ହାନି ଘଟୁଛି । ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ଏବଂ ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଗାମୀ ଦିନରେ ଏକ ଦୁଇଦିନିଆ କର୍ମଶାଳା ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦୁର୍ଘଟଣାର ସ୍ଥିତି, ଦୁର୍ଘଟଣାର କାରଣ ଏବଂ ଏହାକୁ କମ୍ କରିବା ଦିଗରେ କ'ଣସବୁ ପଦକ୍ଷେପ ନିଆଯାଇପାରିବ ସେଥିନେଇ ଆଲୋଚନା ହୋଇଥିଲା ।

ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଦୁର୍ଘଟଣାପ୍ରବଣ ଅଂଚଳ ଚିହ୍ନଟ ସହ ଏହାର ସଠିକ୍ ପରିଚାଳନା, ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରି ଉନ୍ନତ ତଥା ଦୁର୍ଘଟଣାମୁକ୍ତ ରାସ୍ତା ନିର୍ମାଣ, ଜାତୀୟ ରୋଡ୍ କଂଗ୍ରେସ୍ ମାର୍ଗଦର୍ଶିକା ଅନୁସାରେ ପାଦଚଲା ରାସ୍ତା ନିର୍ମାଣ ଏବଂ ବିଭିନ୍ନ ବିଭାଗ ସମନ୍ୱୟରେ ଜିଲ୍ଲାଓ୍ୱାରୀ ସଡ଼କ ଦୁର୍ଘଟଣା ହ୍ରାସ ଲାଗି ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ରାସ୍ତା କଡ଼ରେ ଭାରିଯାନ ରହିବା ସ୍ଥାନ ଏବଂ ୱେ-ସାଇଡ୍ ଆମିନିଟିଜ୍ ନିର୍ମାଣ ସହ ଦୁର୍ଘଟଣାପ୍ରବଣ ଅଂଚଳରେ ଆମ୍ବୁଲାନ୍ସ ରହଣି ନେଇ ବ୍ୟବସ୍ଥା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଏନ୍‌ବିଏସ୍ ରାଜପୁତ, ପରିବହନ କମିଶନର ଶ୍ରୀ ଅମିତାଭ୍ ଠାକୁରଙ୍କ ସମେତ ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ ପ୍ରାଧିକରଣ, ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବେଆଇନ ଓ ଅସୁରକ୍ଷିତ କୋଠା ଅଘଟଣ ନେଇ ସୁପ୍ରିମକୋର୍ଟଙ୍କ ଉଦବେଗ

ନୂଆଦିଲ୍ଲୀ,୯।୭(ନି.ପ୍ର): ସାରା ଦେଶରେ ବେଆଇନ ଏବଂ ଅସୁରକ୍ଷିତ କୋଠା ପ୍ରସଙ୍ଗରେ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି ବିଭିନ୍ନ ରାଜ୍ୟକୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିପର୍ଯ୍ୟୟ ବେଳେ ଲୋକଙ୍କ ପାଇଁ ବିପଦ ଟାଣିଆଣୁଥିବା ବିପଦସଂକୁଳ କୋଠାଗୁଡ଼ିକ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଉପରେ ସବିଶେଷ ଜବାବ ଦାଖଲ କରିବାକୁ ମାନ୍ୟବର ସର୍ବୋଚ୍ଚ ଅଦାଲତ ରିପୋର୍ଟ ମାଗିଛନ୍ତି। ସୁପ୍ରିମକୋର୍ଟ ଚେତାବନୀ ଦେଇ କହିଛନ୍ତି ଯେ ଅଘଟଣ ଘଟିବା ପରେ କେବଳ ନିର୍ମାଣକାରୀ ସଂସ୍ଥାର ମାଲିକଙ୍କୁ ଗିରଫ କରି ଅଧିକାରୀଙ୍କୁ ଦିଆଯାଉଛି ସୁରକ୍ଷା । ସମସ୍ତ ଅଧିକାରୀଙ୍କ ନାମ ଉଲ୍ଲେଖ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ ଦିଲ୍ଲୀର ସାକେତରେ କୋଠା ଭୁଶୁଡ଼ିବା, ମାଲବ୍ୟ ନଗର ଏବଂ ଆଲିଗଞ୍ଜରେ ଅଗ୍ନିକାଣ୍ଡ ଘଟଣାର ବିଚାର କରି ବିଚାରପତି ଆହସାନୁଦ୍ଦିନ ଅମାନୁଲ୍ଲାହ ଏବଂ ବିଚାରପତି ଆର. ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ବିପଦପୂର୍ଣ୍ଣ କୋଠାଗୁଡ଼ିକୁ ଭାଙ୍ଗିବା କିମ୍ବା ସିଲ୍ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଦିଲ୍ଲୀ, ଗୁରୁଗ୍ରାମ, ଲକ୍ଷ୍ନୌ, ପାଟନା ଏବଂ ତାମିଲନାଡୁର ନଗର ନିଗମ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

## ଡାହୁକ



ଏସା କରିଦବୁ ତେସା କରିଦେବୁ
କରି ପକେଇବୁ ଛତା
କାଲି କହୁ କହୁ ଆଜି ଭୁଲିଯାଇ
କାଟି ପକେଇଲେ ଚିତା
ସରିଗଲା ପରେ ଭୋଓଟ
ଆମରି ପେଟକୁ ନାତ ମାରୁଛନ୍ତି
ବଢେଇ ରେଏଟ ରଆଟ।
-ବିଧୁ

# ରାଜ୍ୟରେ କେଜିରୁ ପିଜି ମାଗଣା ଶିକ୍ଷା କାର୍ଯ୍ୟକାରୀ

ଭୁବନେଶ୍ୱର,୯।୭(ନି.ପ୍ର.): ଗତ ୧ ତାରିଖରେ କେଜିରୁ ପିଜି ମାଗଣା ଶିକ୍ଷା ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ରେ ଅନୁମୋଦିତ ହୋଇଥିଲା । ବିଧିବଦ୍ଧ ଭାବେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଓ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରାଯାଇଛି ।

ବର୍ତ୍ତମାନ ନାମଲେଖା ପର୍ବ ଚାଲିଥିବା ବେଳେ ଯୁକ୍ତ ଦୁଇରେ ନାମଲେଖା ଫି'କୁ ସଂପୂର୍ଣ୍ଣ ଭାବେ ମାଗଣା କରାଯାଇଛି । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି । ସେହିପରି ଯୁକ୍ତ ତିନି ତଥା ସ୍ନାତକ ଏବଂ ସ୍ନାତକୋତ୍ତର (ପିଜି)ରେ ନାମଲେଖା ପାଇଁ ମଧ୍ୟ କୌଣସି ଫି' ନିଆଯିବ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏମିତି ସ୍ନାତକରେ ଚଳିତ ଶିକ୍ଷା ବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ଫି'କୁ ମଧ୍ୟ ଫେରସ୍ତ କରାଯିବ ।

ବୁଧବାର ଯୁକ୍ତ ଦୁଇ ନାମଲେଖା ପାଇଁ ପ୍ରଥମ ମେଧା ତାଲିକା ପ୍ରକାଶ ପାଇଛି । ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ଠାରୁ କୌଣସି ନାମଲେଖା ଫି' ଗ୍ରହଣ କରାଯିବ ନାହିଁ । ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ହୋଇଥିବା ଚିଠିରେ ଉଲ୍ଲେଖ କରାଯାଇଛି, ଗଣଶିକ୍ଷା ବିଭାଗରେ ଚଳିତ ଶିକ୍ଷାବର୍ଷ (୨୦୨୬-୨୭)ରୁ 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନାକୁ କାର୍ଯ୍ୟକାରୀ କରାଗଲା । ସମସ୍ତ ସରକାରୀ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲରେ ନାମଲେଖା ପାଇଁ କୌଣସି ଫି ନିଆଯିବ ନାହିଁ ।



ସେହିପରି ସରକାରୀ ଓ ଅନୁଦାନପ୍ରାପ୍ତ (୪୪୮ ଓ ୬୬୨) ଉଚ୍ଚ ମାଧ୍ୟମିକ ସ୍କୁଲ ଅର୍ଥାତ୍ ଯୁକ୍ତ ଦୁଇ କଲେଜରେ ନାମଲେଖା ପାଇଁ କୌଣସି ଫି ଗ୍ରହଣ କରାଯିବ ନାହିଁ।

ସେହିପରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଯୁକ୍ତ ତିନି ପାଇଁ ସଂଶୋଧିତ ସମୟ ସାରଣୀ ବିଜ୍ଞପ୍ତିରେ କୁହାଯାଇଛି, ନିୟମିତ କୋର୍ସରେ ନାମ ଲେଖାଇଲେ କୌଣସି ନାମଲେଖା ଫି' ନିଆଯିବ ନାହିଁ । ମାତ୍ର ସେଲ୍ଫ ଫାଇନାନ୍ସରେ ନାମ ଲେଖାଇଲେ ଏହାର ଫି ଛାତ୍ରଛାତ୍ରୀ ପ୍ରଦାନ କରିବେ । ସରକାରୀ କଲେଜ, ବିଶ୍ୱବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ କଲେଜରେ ନାମ ଲେଖାଇଲେ ଫି ସଂପୂର୍ଣ୍ଣ ଛାଡ କରାଯିବ । ଏପରିକି ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ନାମଲେଖା ଫି ଫେରସ୍ତ କରାଯିବ । ସେଲ୍ଫ ଫାଇନାନ୍ସ, ଅଣ ଅନୁଦାନପ୍ରାପ୍ତ, ପିପିପି ମୋଡ୍‌ରେ ପରିଚାଳିତ ଅନୁଷ୍ଠାନ ଓ ପାଠ୍ୟକ୍ରମ ତଥା ବୃତ୍ତିଗତ ଓ ବୈଷୟିକ ପାଠ୍ୟକ୍ରମକୁ ଏହି ଯୋଜନାରେ ସାମିଲ କରାଯାଇନାହିଁ । ଏହି ଯୋଜନାରେ ପ୍ରଥମ ବର୍ଷରେ ୮୯୫.୫୭ କୋଟି ଟଙ୍କା ଓ ପାଞ୍ଚ ବର୍ଷରେ ୫,୪୬୭.୫୫ କୋଟି ଟଙ୍କା ବ୍ୟୟକୁ କ୍ୟାବିନେଟ୍ରେ ଅନୁମୋଦନ ମିଳିଛି ।

# ଫରେଷ୍ଟ ରେଞ୍ଜର୍ ରବିନ୍ଦ୍ର ନାୟକ ଗିରଫ

କେନ୍ଦ୍ରାପଡ଼ା,୯।୭(ନି.ପ୍ର.): କେନ୍ଦ୍ରାପଡ଼ା ବନାଞ୍ଚଳର ଫରେଷ୍ଟ ରେଞ୍ଜର୍ ରବିନ୍ଦ୍ର କୁମାର ନାୟକ ଗିରଫ ହୋଇଛନ୍ତି । ଗୁରୁବାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ରେଞ୍ଜରଙ୍କୁ ଗିରଫ କରିଛି ।

ଗତକାଲି କେନ୍ଦ୍ରାପଡା ଫରେଷ୍ଟ ରେଞ୍ଜର ରବିନ୍ଦ୍ର କୁମାର ନାୟକଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଥିଲା । କେନ୍ଦ୍ରାପଡ଼ା ଏବଂ କଟକର ଏକାଧିକ ସ୍ଥାନରେ ଚଢ଼ଉ ହୋଇଥିଲା । କଟକ ଜିଲ୍ଲା ବାରଙ୍ଗ ଥାନା ଅଧିନସ୍ଥ ମୁଣ୍ଡୁଳି ଗୋଡ଼ିସାହିରେ ଥିବା ଚାରି ମହଲା ବିଶିଷ୍ଟ ବାସଭବନ, ବାଙ୍କୀ ଥାନା ଅନ୍ତର୍ଗତନ ସାହାଡ଼ପଡ଼ାରେ ଥିବା ପୈତୃକ ଘର, କେନ୍ଦ୍ରାପଡ଼ା ବନାଞ୍ଚଳ କାର ?ୟାଳୟ ଏବଂ ବନ ବିଭାଗ କ୍ୱାଟର୍ସରେ ଚଢ଼ଉ କରାଯାଉଛି । ଏଥିରେ ଭିଜିଲାନ୍ସ ବିଭାଗର ୫ ଜଣ ଡିଏସପି, ୯ ଜଣ ଇନସ୍ପେକ୍ଟର୍, ୫ ଜଣ ଏଏସ୍‌ଆଇ ଏବଂ ଅନ୍ୟ ସହ କର୍ମଚାରୀ ସାମିଲ ଥିଲେ । ସମ୍ପତ୍ତି ଉପରେ କରାଯାଇଥିବା ତଲାସ ଆଧାରରେ, ତାଙ୍କ ପାଖରେ ୨ଟି କୋଠା ରହିଛି । କଟକ ବାରଙ୍ଗ ଥାନା ମୁଣ୍ଡୁଳିରେ ୭୦୩୮ ବର୍ଗଫୁଟ ଜମି ଉପରେ ଚାରି ମହଲା କୋଠା ଅନ୍ତର୍ଭୁକ୍ତ ରହିଛି । ସେହିପରି ବାଙ୍କୀରେ ଆଉ ଏକ କୋଠା ରହିଛି । ଏହା ସହିତ ୬ଟି ଦାମୀ ପ୍ଲଟ୍, ୨୮୩ ଗ୍ରାମ ସୁନା, ନଗଦ ୨.୧୪ ଲକ୍ଷ ଟଙ୍କା, ଜମା ୭୬ ଲକ୍ଷ ଟଙ୍କା, ଗୋଟିଏ ଚାରି ଚକିଆ ଯାନ ଇତ୍ୟାଦି ସମ୍ପତ୍ତି ଥିବା ଜଣାପଡ଼ିଥିଲା । ମିଳିଥିବା ସମ୍ପତ୍ତିର କୌଣସି ସନ୍ତୋଷଜନକ ଉତ୍ତର ଦେବାରେ ସେ ବିଫଳ ହେବାରୁ ଭିଜିଲାନ୍ସ ଆଜି ତାଙ୍କୁ ଗିରଫ କରିଛି ।

ସୃଜନ

ଶୁକ୍ରବାର ୧୦, ଜୁଲାଇ ୨୦୨୬, ଭୁବନେଶ୍ୱର

Friday, 10 July 2026 Bhubaneswar

‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।



## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଅପରାଧ ବୃଦ୍ଧିର କାରଣ

ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟାସ୍ତ ଓ ଅପରାଧ ଗ୍ରାଫ୍ ଉର୍ଦ୍ଧ୍ୱମୁଖୀ ହେବା ପଛର ଅସଲ କାରଣ ଏବେ ପଦାରେ ପଡିଛି, ଯାହାକି ସମଗ୍ର ଓଡିଶାବାସୀଙ୍କୁ ସ୍ତବ୍ଧ କରିଦେଇଛି । ସାଧାରଣ ଜନତାଙ୍କ ଜୀବନ ଓ ସମ୍ପତ୍ତିକୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଥିବା ଓଡିଶା ପୋଲିସ ବିଭାଗ ନିଜେ ଏବେ ଏକ ବଡ ସଙ୍କଟ ଦେଇ ଗତି କରୁଛି, କାରଣ ରାଜ୍ୟରେ ପ୍ରାୟ ୩୦,୦୦୦ରୁ ଅଧିକ ପୋଲିସ ପଦବୀ ଦୀର୍ଘ ଦିନ ହେବ ଖାଲି ପଡିରହିଛି । ଏହି ସାଂଘାତିକ ତଥ୍ୟ ଆଉ କେହି ନୁହେଁ, ବରଂ ଖୋଦ୍ ଓଡିଶାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସ୍ୱୀକାର କରିଛନ୍ତି ଏବଂ ଏହି ଶୂନ୍ୟପଦଗୁଡିକୁ ଅତିଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଏବେ ବଡ ସଂଖ୍ୟାକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିବା ପାଇଁ ଦାୟୀ କିଏ ଏବଂ ଏହାର ଖାମଖିଆଲି ନୀତି ଯୋଗୁଁ ଆଜି ରାଜ୍ୟର ଚାରିଆଡେ ଯେଉଁ ଅରାଜକତା ଖେଳିଯାଇଛି, ତାର ଜବାବ କିଏ ଦେବ? ପୋଲିସ କର୍ମଚାରୀଙ୍କ ଅଭାବ ଯୋଗୁଁ ଓଡିଶାରେ ଅପରାଧ ହାର ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି ଏବଂ ସୀମିତ କର୍ମଚାରୀଙ୍କ ଉପରେ କାର୍ଯ୍ୟଭାରର ଚାପ ଏତେ ମାତ୍ରାରେ ବଢିଯାଇଛି ଯେ, ସେମାନେ ମାନସିକ ଓ ଶାରୀରିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗି ପଡୁଛନ୍ତି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରତିଦିନ ଅପ୍ରୀତିକର ପରିସ୍ଥିତି, ସଶସ୍ତ୍ର ଡକାୟତି, ଦିନଦ୍ୱିପହରରେ ଗୁଳିକାଣ୍ଡ, ମହିଳା ନିର୍ଯ୍ୟାତନା ଏବଂ ସଂଗଠିତ ଅପରାଧର ଖବର ସାମ୍ନାକୁ ଆସୁଛି, ଯାହା ପଛରେ ପୋଲିସ ଫୋର୍ସର ଅଭାବ ହିଁ ମୁଖ୍ୟ କାରଣ ବୋଲି ସ୍ପଷ୍ଟ ଜଣାପଡୁଛି । ଓଡିଶାର ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଏବଂ ନୂଆ ନୂଆ ଅପରାଧିକ ଆହ୍ୱାନ ଯଥା ସାଇବର ଅପରାଧ ଓ ଆନ୍ତଃରାଜ୍ୟ ମାଫିଆଙ୍କ ପ୍ରାଦୁର୍ଭାବ ବଢୁଥିବା ସମୟରେ, ପୋଲିସ ବାହିନୀରେ ୩୦,୦୦୦ ପଦବୀ ଖାଲି ରହିବା କେବଳ ଦୁର୍ଭାଗ୍ୟଜନକ ନୁହେଁ, ବରଂ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥା ସହ ଏକ ବଡ ଖେଳାଖେଳି ବୋଲି କୁହାଯାଇପାରେ । ରାଜ୍ୟର ପ୍ରତିଟି ଥାନାରେ ଆବଶ୍ୟକ ସଂଖ୍ୟକ କନ୍ଷ୍ଟେବଲ, ସବ୍- ଇନ୍ସପେକ୍ଟର ଏବଂ ସହାୟକ ଅଧିକାରୀ ନାହାନ୍ତି, ଯାହାଫଳରେ ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ମାସ ମାସ ଧରି ଅଟକି ରହୁଛି ଏବଂ ଅପରାଧୀମାନେ ଖୋଲାଖୋଲି ଭାବେ ବୁଲିବାକୁ ସାହସ ପାଉଛନ୍ତି । ପୋଲିସର ଉପସ୍ଥିତି ନଗଣ୍ୟ ଥିବା ଯୋଗୁଁ ଅସାମାଜିକ ତତ୍ତ୍ୱମାନେ ବିନା କୌଣସି ଭୟରେ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି, ଏବଂ ବିଶେଷ କରି ଗ୍ରାମାଂଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଜଣେ ପୋଲିସ କର୍ମଚାରୀଙ୍କୁ ନିଜର ନିର୍ଦ୍ଧାରିତ ସମୟଠାରୁ ଦୁଇଗୁଣା ଅଧିକ ସମୟ କାମ କରିବାକୁ ପଡୁଛି, ଯାହାଫଳରେ ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଛି ଏବଂ ଜନସାଧାରଣଙ୍କ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ଭବ ହେଉନାହିଁ । ଡିଜିପିଙ୍କ ବୟାନରୁ ସ୍ପଷ୍ଟ ଯେ ବର୍ତମାନର ସରକାର ଏହି ସମସ୍ୟାର ଗମ୍ଭୀରତାକୁ ବୁଝିଥିବା, କିନ୍ତୁ କେବଳ ‘ଖୁବଶୀଘ୍ର ପୂରଣ ହେବ’ ବୋଲି କହି ପ୍ରଶାସନ ନିଜ ଦାୟିତ୍ୱରୁ ମୁକ୍ତ ହୋଇପାରିବ ନାହିଁ ବରଂ ଏଥିପାଇଁ ଏକ ଜରୁରୀକାଳୀନ ଏବଂ ସମୟବଦ୍ଧ ଯୋଜନା ପ୍ରସ୍ତୁତ କରି ଯୁଦ୍ଧକାଳୀନ ଭିତିରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ଆବଶ୍ୟକ । ରାଜ୍ୟର ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ଦୁଦୂର ମାଲକାନଗିରି ପର୍ଯ୍ୟନ୍ତ ସବୁଠି ଗୋଟିଏ ଚିତ୍ର ଦେଖିବାକୁ ମିଳୁଛି । ଯେଉଁଠି ଥାନାଗୁଡିକରେ କର୍ମଚାରୀଙ୍କ ଅଭାବ ଯୋଗୁଁ ସାଧାରଣ ଲାକେ ନ୍ୟାୟ ପାଇଁ ଦ୍ୱାର ବୁଲି ନିରାଶ ହେଉଛନ୍ତି । ଏଭଳି ପରିସ୍ଥିତିରେ ଯଦି ତୁରନ୍ତ ପଦକ୍ଷେପ ନିଆନଯାଏ, ତେବେ ଓଡିଶାରେ ଆଇନର ଶାସନ ସମ୍ପୂର୍ଣ୍ଣ ଭୁଷୁଡି ପଡିବ ଏବଂ ଜନସାଧାରଣଙ୍କ ମଧ୍ୟରେ ପୋଲିସ ପ୍ରତି ଥିବା ବିଶ୍ୱାସ ତୁଟିଯିବ । ପୋଲିସ ଫୋର୍ସର ବଳ ବୃଦ୍ଧି ନକରି ଅପରାଧମୁକ୍ତ ଓଡିଶା ଗଠନ କରିବାର ସ୍ୱପ୍ନ କେବଳ ଏକ ପ୍ରହସନ ମାତ୍ର, ତେଣୁ ସରକାର କୌଣସି ଆଳ ନଦେଖାଇ ତୁରନ୍ତ ଏହି ୩୦,୦୦୦ରୁ ଅଧିକ ଖାଲି ପଦବୀରେ ଯୋଗ୍ୟ ଯୁବକଯୁବତୀଙ୍କୁ ନିଯୁକ୍ତି ଦେଇ ରାଜ୍ୟର ସୁରକ୍ଷା ବଳୟକୁ ସୁଦୃଢ କରନ୍ତୁ, ଯାହାଦ୍ୱାରା ବଢୁଥିବା ଅପରାଧ ଏବଂ ଅପ୍ରୀତିକର ପରିସ୍ଥିତିକୁ କଠୋର ହସ୍ତରେ ଦମନ କରାଯାଇପାରିବ ଏବଂ ଓଡିଶାବାସୀ ଶାନ୍ତିରେ ନିଶ୍ୱାସ ମାରିପାରିବେ । ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା କରିବା ସରକାରଙ୍କ ସର୍ବପ୍ରଥମ ଓ ସର୍ବୋଚ୍ଚ କର୍ତବ୍ୟ ହେବା ଉଚିତ, ଏବଂ ଏଥିରେ କୌଣସି ପ୍ରକାରର ଅବହେଳା କ୍ଷମାଯୋଗ୍ୟ ନୁହେଁ । ବିଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ଯେଉଁଭଳି ଭାବରେ ସାଇବର ଠକେଇ, ନିଶା କାରବାର ଏବଂ ସଂଗଠିତ ଅପରାଧ ବୃଦ୍ଧି ପାଇଛି, ତାହାକୁ ରୋକିବା ପାଇଁ ପୋଲିସର ବୈଷୟିକ ଏବଂ ମାନବ ସମ୍ବଳର ବିକାଶ ନିହାତି ଜରୁରୀ । କିନ୍ତୁ ଯେଉଁଠି ମୌଳିକ ସ୍ତରରେ ହିଁ କର୍ମଚାରୀଙ୍କର ଏତେ ବଡ ଅଭାବ ରହିଛି, ସେଠାରେ ଆଧୁନିକୀକରଣ କେବଳ କାଗଜପତ୍ରରେ ସୀମିତ ରହିଯିବା ସ୍ୱାଭାବିକ । ପ୍ରତି ବର୍ଷ ହଜାର ହଜାର ପୋଲିସ କର୍ମଚାରୀ ଅବସର ଗ୍ରହଣ କରୁଥିଲେ ମଧ୍ୟ ସେହି ଅନୁପାତରେ ନୂତନ ନିଯୁକ୍ତି ନହେବା ପ୍ରଶାସନିକ ସ୍ଥାଣୁତାର ଚରମ ନିଦର୍ଶନ । ଏହି ଚାପ ଜନିତ କାରଣରୁ ଅନେକ ସମୟରେ ପୋଲିସ କର୍ମଚାରୀମାନେ ନିଜର ଧୈର୍ଯ୍ୟ ହରାଉଛନ୍ତି ଏବଂ ସାଧାରଣ ଜନତାଙ୍କ ସହ ସେମାନଙ୍କର ବ୍ୟବହାର ମଧ୍ୟ ରୁକ୍ଷ ହେଉଛି, ଯାହା ପୋଲିସର ଭାବମୂର୍ତିକୁ କ୍ଷୁର୍ଣ୍ଣ କରୁଛି । ଯଦି ଜଣେ କର୍ମଚାରୀଙ୍କୁ ବିନା ବିଶ୍ରାମରେ କ୍ରମାଗତ ଭାବରେ କାର୍ଯ୍ୟ କରିବାକୁ ପଡିବ, ତେବେ ତାଙ୍କ ଠାରୁ ସଠିକ୍ ଓ ନିରପେକ୍ଷ ତଦନ୍ତ ଆଶା କରିବା ବୃଥା । ଗୋଟିଏ ପଟେ ରାଜ୍ୟରେ ବେକାରୀ ସମସ୍ୟା ବଢୁଥିବା ବେଳେ ଅନ୍ୟପଟେ ପୋଲିସ ବିଭାଗରେ ଏତେ ସଂଖ୍ୟାକ ପଦବୀ ଖାଲି ପଡିବା ସରକାରଙ୍କ ନୀତି ଓ ନିୟତ ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅପରାଧମୁକ୍ତ ଏବଂ ଭୟମୁକ୍ତ ସମାଜ ଗଠନ ପାଇଁ ପୋଲିସ ବାହିନୀକୁ ସର୍ବଦା ଶକ୍ତିଶାଳୀ ଏବଂ ସଜାଗ ରଖିବାକୁ ହେବ । ପୋଲିସ ମହାନିର୍ଦ୍ଦେଶକ ଏହି ଘୋଷଣା କେବଳ ଏକ ଆଶ୍ୱାସନା ହୋଇ ରହିନଯାଉ ବରଂ ଏହାକୁ ବାସ୍ତବତାରେ ରୂପାନ୍ତରିତ କରିବା ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସ୍ୱଚ୍ଛ ଓ ଦ୍ରୁତ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବା ଆବଶ୍ୟକ । ଓଡିଶାର ସ୍ୱାର୍ଥ, ସୁରକ୍ଷା ଓ ପ୍ରଗତି ପାଇଁ ପୋଲିସ ବାହିନୀରେ ଥିବା ଏହି ଶୂନ୍ୟତାକୁ ତୁରନ୍ତ ପୂରଣ କରିବା ଛଡା ସରକାରଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ, ନଚେତ୍ ଆଗାମୀ ଦିନରେ ସ୍ଥିତି ଆହୁରି ସାଂଘାତିକ ହେବ ଏବଂ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଶାସନ କଳ ହିଁ ଦାୟୀ ରହିବ । ରାଜ୍ୟର ମହିଳା, ଶିଶୁ ଏବଂ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷାକୁ ନେଇ ସବୁବେଳେ ଉଦ୍‌ବେଗ ପ୍ରକାଶ ପାଉଥିବାବେଳେ, ପୋଲିସ ଫୋର୍ସର ଏଭଳି ଦୁର୍ବଳ ସ୍ଥିତି ଅପରାଧୀଙ୍କ ମନୋବଳକୁ ଦ୍ୱିଗୁଣିତ କରୁଛି । ପ୍ରତିଟି ସହରର ଛକ ବଜାରରେ ଏବଂ ସୀମାନ୍ତ ଅଂଚଳରେ ପୋଲିସର କଡା ପହରା ନଥିବାରୁ ଅବାଧରେ ନିଶା ଓ ମାରଣାସ୍ତ୍ର କାରବାର ଚାଲିଛି । ଗଣମାଧ୍ୟମରେ ପ୍ରତିଦିନ ପ୍ରକାଶ ପାଉଥିବା ଜଘନ୍ୟ ହତ୍ୟାକାଣ୍ଡ ଓ ଲୁଟତରାଜର ଖବର ସାଧାରଣ ଜୀବନଯାତ୍ରାକୁ ଭୟଭୀତ କରିଦେଇଛି । ସରକାରୀ ସ୍ତରରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ପ୍ରଚାରପ୍ରସାର କରାଯାଉଥିଲେ ମଧ୍ୟ, ଯଦି ସାଧାରଣ ଲୋକଟିଏ ନିଜ ଘରେ ଓ ରାସ୍ତାରେ ସୁରକ୍ଷିତ ଅନୁଭବ ନକରିବ, ତେବେ ସେହି ସବୁ ବିକାଶର କୌଣସି ମୂଲ୍ୟ ରହିବ ନାହିଁ । ତେଣୁ ସମୟ ଆସିଛି ସରକାର କାଳବିଳମ୍ବ ନକରି ପୋଲିସ ପ୍ରଶାସନକୁ ସମ୍ପୂର୍ଣ୍ଣ ସକ୍ରିୟ ଓ ଶକ୍ତିଶାଳୀ କରନ୍ତୁ ଏବଂ ଖାଲି ପଡିଥିବା ପ୍ରତିଟି ପଦବୀକୁ ଯୁଦ୍ଧକାଳୀନ ଭିତିରେ ପୂରଣ କରି ଓଡିଶାକୁ ଏକ ସୁରକ୍ଷିତ ରାଜ୍ୟ ଭାବେ ଗଢିତୋଳନ୍ତୁ ।

# ମହାପ୍ରସାଦକୁ ଅସମ୍ମାନ କରି ବ୍ୟାଧିଗ୍ରସ୍ତ ହୋଇଥିଲେ ଅହିଛତ୍ର ରାଜା

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ମହାଲକ୍ଷ୍ମୀଙ୍କ ରୋଷଶାଳାରେ ପ୍ରସ୍ତୁତ ହୋଇ ସେବନ କରୁଛନ୍ତି ମହାପ୍ରଭୁ । ପରଂବ୍ରହ୍ମଙ୍କ ପ୍ରସାଦ ହୁଏ ମହାପ୍ରସାଦ । ଏହା ପାଲଟି ଯାଏ ଅନ୍ନବ୍ରହ୍ମ । ଏହି ଅନ୍ନବ୍ରହ୍ମଙ୍କୁ ମହାପ୍ରଭୁଙ୍କ ସମମର୍ଯ୍ୟାଦା ଦିଆଯାଏ । ତେଣୁ ମହାପ୍ରସାଦ ସେବନ ପାଇଁ ରହିଛି ସ୍ୱତନ୍ତ୍ର ଶାସ୍ତ୍ରୀୟ ବିଧିବିଧାନ । ସମଗ୍ର ଦେଶରେ ଏହି ଅନ୍ନବ୍ରହ୍ମ ବା ମହାପ୍ରସାଦ ସମ୍ପର୍କରେ ୨୭ଟି ଗ୍ରନ୍ଥରେ ଉଲ୍ଲେଖ ରହିଛି ଯାହା ସମଗ୍ର ବିଶ୍ୱରେ ବିରଳ । କୌଣସି ଦେବଦେବୀଙ୍କ ପ୍ରାସାଦକୁ ନେଇଏତେ ବିରାଟ ପରମ୍ପରା, ଶାସ୍ତ୍ରୀୟ ମତ, ବିଧିବିଧାନ ଦେଖାଯାଏନାହିଁ । ଯାହା ମହାପ୍ରଭୁଙ୍କ ମହାପ୍ରସାଦ କ୍ଷେତ୍ରରେ ଦେଖାଯାଉଛି । ଏହି ମହାପ୍ରସାଦକୁ ମହାପ୍ରଭୁଙ୍କ ସମ ମର୍ଯ୍ୟାଦା ଦେଇଛନ୍ତି ଆଦିଶଙ୍କର ।



ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଡ.ସୁରେନ୍ଦ୍ର କୁମାର ମିଶ୍ରଙ୍କ ତଥ୍ୟ ଅନୁଯାୟୀ, ମହାପ୍ରଭୁଙ୍କ ମହାପ୍ରସାଦ ହେଉଛି ଦୁର୍ଲ୍ଲଭ । ମହାପ୍ରସାଦର ମହାତ୍ମ୍ୟ ସଂସ୍କୃତ, ହିନ୍ଦୀ ଏବଂ ଓଡ଼ିଆ ଭାଷାରେ ରଚିତ ହୋଇଛି । ସମଗ୍ର ଦେଶରେ ୨୭ ଖଣ୍ଡ ଗ୍ରନ୍ଥ ମହାପ୍ରସାଦକୁ ମହାନତା ଏବଂ ଏହାର ସେବନ ବିଧିବିଧାନ ସ୍ପଷ୍ଟ ଭାବେ ରହିଛି । ଏହି ବିଧିବିଧାନ ସାମାନ୍ୟତମ ବିଚ୍ୟୁତି ଗ୍ରହଣୀୟ ନୁହେଁ । ଏହା ପରମ୍ପରା ବିରୋଧୀ ହେବ ଓ ସେବନକାରୀ ପାଇଁ ହେବ ମହାପାପ । ଶାସ୍ତ୍ର ମତରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଭଳି ପ୍ରସାଦ ସମଗ୍ର ବିଶ୍ୱରେ କେଉଁଠି ନାହିଁ । ଏହା ଏତେ ପବିତ୍ର ଯେ ଏହାକୁ ସେବନ କରିବା ପାଇଁ ଦେବୀ ପାର୍ବତୀ ବା ଗୌରୀ ଶ୍ରୀବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ । ପୁରାଣ ବର୍ଣ୍ଣିତ କଥା ଅନୁଯାୟୀ ଦିନେ ଗୋଲକ ବୈକୁଣ୍ଠରେ ମହାଲକ୍ଷ୍ମୀଙ୍କ ପ୍ରସ୍ତୁତ ମହାପ୍ରସାଦକୁ ଶ୍ରୀବିଷ୍ଣୁ ସେବନ କରୁଥିଲେ । ସେହି ପ୍ରସାଦର ଅଳ୍ପ କିଛି ମହର୍ଷି ନାରଦଙ୍କୁ ମିଳିଥିଲା । ସେ ସେହି ପ୍ରସାଦକୁ ପାଇ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ସେଠାରୁ ଶୈବପୁରୀକୁ ଯାତ୍ରା କରିଥିଲେ । ସେଠାରେ ଶ୍ରୀବିଷ୍ଣୁଙ୍କ ପ୍ରସାଦ ସମ୍ପର୍କରେ କହିଥିଲେ । ସ୍ୱୟଂ ମହାଦେବ ସେହି ପ୍ରସାଦପାଇଁ ଆକୃଷ୍ଟ ହୋଇଥିଲେ । ନାରଦଙ୍କ ଅଧର ନିକଟରେ ଲାଗିଥିବା ଏକ କଣିକା ମାତ୍ର ସେବନ କରି ସେ ବିଭୋର ହୋଇ ପଡ଼ିଥିଲେ । ଦେବୀ ପାର୍ବତୀ ଏହା ଦେଖି ଶ୍ରୀବିଷ୍ଣୁଙ୍କ ପ୍ରସାଦ ନାରଦଙ୍କୁ ମାଗିଥିଲେ । ସେ ଦେଇ ପାରିନଥିଲେ । ଶ୍ରୀବିଷ୍ଣୁଙ୍କ ପ୍ରସାଦ ପାଇଁ ମା’ପାର୍ବତୀ ପ୍ରାର୍ଥନା କରିଥିଲେ । ମା’ପାର୍ବତୀଙ୍କ ପ୍ରାର୍ଥନା ଶୁଣି ଶ୍ରୀବିଷ୍ଣୁ ତାଙ୍କୁ କହିଥିଲେ, ସେ ମହାଭୈରବ ରୂପରେ ନୀଳାଚଳରେ ପ୍ରସାଦ ସେବନ କରିବେ । ସେହି ପ୍ରସାଦ ତାଙ୍କୁ ପ୍ରଥମେ ଲାଗି କରାଯିବ । ତାପରେ ସେ ହେବ ମହାପ୍ରସାଦ । ମା’ଗୌରୀ ନୀଳଗିରି ପର୍ବତରେ ନିର୍ମିତ ଶ୍ରୀମନ୍ଦିରରେ ଭୈରବୀ ରୂପୀ ମା’ ବିମଳାଙ୍କ ରୂପରେ ବିରାଜିତା । ପ୍ରତିଦିନ ମହାପ୍ରଭୁଙ୍କ ପାଖରେ ପ୍ରସାଦ ଲାଗି ହେବାପରେ ମା’ବିମଳାଙ୍କ ପାଖକୁ ଯାଏ । ଏପରିକି ମହାପ୍ରଭୁଙ୍କ ପ୍ରସାଦ ଯେ କୌଣସି ଦେବୀ ମନ୍ଦିରରେ ନେଇ ଲାଗି କରାଯିବାର ପରମ୍ପରା ପୁରୀରେ ରହିଛି ।

ମହାପ୍ରସାଦ ଶୁଖିଗଲେ ହୁଏ ପବିତ୍ର ନିର୍ମାଲ୍ୟ, ଯାହାକୁ ଭକ୍ତମାନେ ପୂଜା କରନ୍ତି । ତେଣୁ ମହାପ୍ରଭୁଙ୍କ ମହାପ୍ରସାଦ ଦେବତୁଲ୍ୟ । ଏହାର ସେବନ ପାଇଁ ବିଧିବିଧାନ ରହିଛି । ଆଦିଶଙ୍କର ମହାପ୍ରସାଦ ସେବନ ପୂର୍ବରୁ ମନ୍ତ୍ର ଉଚ୍ଚାରଣ କରୁଥିଲେ । ‘ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ, ବଳଭଦ୍ର-ସୁଭଦ୍ରାଭ୍ୟାଂ - ଜଗନ୍ନାଥାୟତେ ନମଃ’ ଅର୍ଥାତ ନୀଳାଚଳରେ ନିତ୍ୟ ନିବାସ କରିଥିବା ବଳଭଦ୍ର, ସୁଭଦ୍ରାଙ୍କ ସହ ଜଗନ୍ନାଥଙ୍କ ସେହି ପରମାତ୍ମାଙ୍କୁ ମୁଁ ନମସ୍କାର କରୁଛି । ଏଠାରେ ପରମାତ୍ମାଙ୍କ ସହିତ ମହାପ୍ରସାଦକୁ ଆଦି ଶଙ୍କର ପରମାତ୍ମା, ବ୍ରହ୍ମ ବା ପରଂବ୍ରହ୍ମ ଭାବେ ଗ୍ରହଣ କରିଛନ୍ତି ।

ପରମ୍ପରା ଅନୁଯାୟୀ ମହାପ୍ରସାଦକୁ କେବଳ ପତ୍ରରେ ରଖି ସେବନ କରାଯିବ । ସେବନକାରୀ ନିଜେ ତଳେ ବସିବେ ଓ ପତ୍ରରେ ମହାପ୍ରସାଦଙ୍କୁ ବିଜେ କରାଇବେ । ପ୍ରଣାମ କରି ସେବନ କରିବେ । ପତ୍ର ପଡ଼ିବାର ବିଧି ମଧ୍ୟ ରହିଛି । ଏହାର ବ୍ୟତିକ୍ରମ ମହାବ୍ୟାଧି ବା ମହାପାପର ଭାଗୀ କରାଏ । ମହାପ୍ରସାଦ ଅବମାନନା ମହାବିପତ୍ତି ଟାଣିଆଣେ ବୋଲି ଅନେକ ନଜିର ରହିଛି ।

୧୫ଶ ଶତାବ୍ଦୀର କଥା । ଭାରତର ଉତ୍ତରରେ ଥିଲା ରିମା ରାଜ୍ୟ ଯାହା ବର୍ତ୍ତମାନ ଉତ୍ତରପ୍ରଦେଶ ବରେଲୀ ଜିଲ୍ଲା । ଏହି ରାଜ୍ୟକୁ ଶାସନ କରୁଥିଲେ ଅହିଛତ୍ର ବଂଶ ରାଜା । ଅହିଛତ୍ର ଅର୍ଥାତ୍ ଶତ୍ରୁମାନଙ୍କ ଛତ୍ରକୁ ସେ ନଷ୍ଟଭ୍ରଷ୍ଟ କରିଦେଇଥିଲେ । ମତାନ୍ତରରେ ଏହି ବଂଶର ରାଜାମାନେ ସର୍ବଦା ଛତ୍ର ଧରି ରହୁଥିଲେ । ଅହିଛତ୍ର ରାଜା ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରକୁ ଆସିଥିଲେ । ଶ୍ରୀକ୍ଷେତ୍ରରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କଲେ । ଦର୍ଶନକରି ସାରିବା ପରେ ଦେଖିଲେ ଜଣେ ସାଧୁ ଓ ଗୋଟିଏ କୁକୁର ଏକତ୍ର ମହାପ୍ରସାଦ ସେବନ କରୁଛନ୍ତି । ସେ ଏହାକୁ ଘୃଣା କଲେ । ଜୀବନରେ କେବେ ମହାପ୍ରସାଦ ଛୁଇଁବେ ନାହିଁ ବୋଲି ପଣ କରି ଫେରିଗଲେ । ଶ୍ରୀକ୍ଷେତ୍ରରୁ ଫେରିବା ପରେ ମହାପ୍ରସାଦ ପ୍ରତି ସେ କରିଥିବା ଅମର୍ଯ୍ୟାଦାର ଫଳ ତାଙ୍କୁ ଭୋଗିବାକୁ ପଡ଼ିଲା । ତାଙ୍କୁ ହେଲା ଦୁରାରୋଗ୍ୟ କୁଷ୍ଠ । ଯନ୍ତ୍ରଣାରେ ଛଟପଟ ହେଲେ ସେ । ସବୁ ଉପଚାର ବିଫଳ ହେଲା । ସାଧୁସନ୍ଥଙ୍କ ଠାରୁ ଜାଣିଲେ ମହାପ୍ରସାଦକୁ ଅବମାନନା ମହାପାପ । ସେ ତତ୍‌କ୍ଷଣାତ ଶ୍ରୀକ୍ଷେତ୍ର ଆସିଲେ । ଏଠାରେ ପହଞ୍ଚି ମହାପ୍ରଭୁଙ୍କୁ ମହଣ ମହଣ ସୁନା ଅଳଙ୍କାର ଭେଟି ଦେଲେ । ଏମାର ମଠ ମହନ୍ତଙ୍କ ମାର୍ଫତରେ ମୁକ୍ତିମଣ୍ଡପର ବ୍ରାହ୍ମଣମାନଙ୍କୁ ସ୍ୱର୍ଣ୍ଣାଦି ଅଳଙ୍କାର ଦାନ ଦେଇ ଅଧିଆ ପଡ଼ିଲେ । ତାଙ୍କର ପ୍ରାୟଶ୍ଚିତ ପାଇଁ ଆକୁଳ ନିବେଦନ ମହାପ୍ରଭୁ ଶୁଣିଲେ । ତାଙ୍କ ବ୍ୟାଧି ଦୂର ହେଲା । ସେହି ଦିନ ସେ ଶପଥ କଲେ ମହାପ୍ରସାଦ ସେବନ କରିବେ ଓ ଭକ୍ତଙ୍କୁ ମାଗଣାରେ ସେବନ କରାଇବେ । ସେଥିପାଇଁ ସେ ବଡ଼ଦାଣ୍ଡରେ ପ୍ରତିଷ୍ଠା କଲେ ‘ଅହିଛତ୍ର ମଠ’ । ଏମାର ମଠ ମାର୍ଫତରେ ଅହିଛତ୍ର ମଠ ପକ୍ଷରୁ ଏମାର ମଠ ଚକଡ଼ାରେ ମହାପ୍ରସାଦ ମାଗଣା ବାଣ୍ଟିବାର ବ୍ୟବସ୍ଥା କରାଇଥିଲେ । ପରବର୍ତ୍ତୀ ସମୟରେ ଅହିଛତ୍ର ମଠକୁ ଶ୍ରୀମନ୍ଦିର ପ୍ରଶାସନ ନୂଆରୂପ ଦେଇ ନିର୍ମାଣ କରିଛି ‘ଭକ୍ତ ନିବାସ’ । ତେବେ ଏହି ମହାପ୍ରସାଦ ସେବା ଏବେ ବନ୍ଦ ହୋଇଯାଇଛି । ଶାସ୍ତ୍ର ଅନୁଯାୟୀ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରର ଅନ୍ୟନାମ ଅନ୍ନଦାନ କ୍ଷେତ୍ର । ଏଠାରେ ବ୍ରାହ୍ମଣଙ୍କୁ ମହାପ୍ରସାଦ ଦାନ କଲେ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ହଏ । ମହାପ୍ରସାଦ ସେବନ କରିବା ପାଇଁ ଅନେକ ଆଚାର୍ଯ୍ୟ ନିଜ ନିଜର ସ୍ୱତନ୍ତ୍ର ମନ୍ତ୍ର ପାଠ କରୁଥିଲେ । ଜୀବନରେ ମହାପ୍ରସାଦ ଚେତନା ଆମ ସମସ୍ତଙ୍କ ପାଇଁ ସ୍ୱର୍ଗୀୟ ଅମୃତ । ଏହି କୈବଲ୍ୟ ମହାପ୍ରସାଦର ଚେତନା ହେଉଛି ଶ୍ରୀଜଗନ୍ନାଥଙ୍କର କରୁଣା ।

**ପ୍ରତିରତ୍ନିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**

**ଦୂରଭାଷ : ୯୪୩୭୦୫୧୯୫୭**

# ବିଶ୍ୱ ବଜାରରେ ବ୍ରହ୍ମୋସ୍ : ପ୍ରତିରକ୍ଷା ରପ୍ତାନୀ କ୍ଷେତ୍ରରେ ଭାରତର ଉଦୟ

**ଡ. ସମନ୍ୱୟ ନନ୍ଦ**

ଏକ ସମୟ ଥିଲା, ଯେତେବେଳେ ଭାରତକୁ ବିଶ୍ୱର ସର୍ବବୃହତ୍ ପ୍ରତିରକ୍ଷା ସାମଗ୍ରୀ ଆମଦାନୀକାରୀ ଦେଶମାନଙ୍କ ମଧ୍ୟରେ ଗଣନା କରାଯାଉଥିଲା । ଆଧୁନିକ ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର, ଯୁଦ୍ଧ ବିମାନ ଏବଂ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଭାରତ ମୁଖ୍ୟ ଭାବେ ଆମେରିକା, ରୁଷ, ଫ୍ରାନ୍ସ ଓ ଇସ୍ରାଏଲ ଭଳି ଦେଶମାନଙ୍କ ଉପରେ ନିର୍ଭରଶୀଳ ଥିଲା । କିନ୍ତୁ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପର ଠାରୁ ସ୍ଥିତିରେ ବ୍ୟାପକ ପରିବର୍ତନ ଆସିଛି । ଗତ ଏକ ଦଶନ୍ଧି ମଧ୍ୟରେ ଏହି ପରିସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ମିଳିଛି । ‘ମେକ୍ ଇନ୍ ଇଣ୍ଡିଆ’, ‘ଆତ୍ମନିର୍ଭର ଭାରତ’ ଅଭିଯାନ ଏବଂ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବେସରକାରୀ କ୍ଷେତ୍ରର ଭୂମିକା ମଧ୍ୟ ବଢିଛି । ଏହି ସବୁ କାରଣ ଯୋଗୁ ଭାରତ ଆମଦାନୀକାରୀରୁ ରପ୍ତାନିକାରୀ ଦେଶରେ ପରିଣତ କରିବା ଦିଗରେ ଅଗ୍ରସର ହେଉଛି । ନିକଟ ଅତୀତରେ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି, ଦକ୍ଷିଣ-ପୂର୍ବ ଏସିଆରୁ ଆରମ୍ଭ କରି ଉପସାଗରୀୟ ଦେଶଗୁଡ଼ିକ ପର୍ଯ୍ୟନ୍ତ ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ପ୍ରତି ବଢୁଥିବା ଆଗ୍ରହ ଏବଂ ପ୍ରତିରକ୍ଷା ରପ୍ତାନିରେ ବହୁଗୁଣ ବୃଦ୍ଧି ଏହି ପରିବର୍ତ୍ତନର ସ୍ପଷ୍ଟ ପ୍ରମାଣ ଅଟେ ।




ଯଦି ଆମେ ବିଶ୍ଳେଷଣ କରିବା ତେବେ ଜାଣି ପାରିବା ଯେ, ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଭାରତର ପ୍ରତିରକ୍ଷା ରପ୍ତାନିର ସବୁଠାରୁ ବଡ଼ ସଫଳତା ଭାବେ ଉଭା ହୋଇଛି । ଫିଲିପାଇନ୍ସକୁ ଏହାର ସଫଳ ଯୋଗାଣ ପରେ ବର୍ତ୍ତମାନ ଭିଏତନାମ ସହ ଏହାର ରପ୍ତାନି ଚୁକ୍ତି ସମ୍ପନ୍ନ ହୋଇଥିବାବେଳେ ଇଣ୍ଡୋନେସିଆ ସହ ମଧ୍ୟ ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ଥିବା ସୂଚନା ମିଳୁଛି । ଏହା ବ୍ୟତୀତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଏବଂ ‘ଆକାଶତୀର’ ବାୟୁ ପ୍ରତିରକ୍ଷା ପ୍ରଣାଳୀର ରପ୍ତାନିକୁ ନେଇ ମଧ୍ୟ ଆଲୋଚନା ଜାରି ରହିଛି । ଏହା ସ୍ପଷ୍ଟ କରୁଛି ଯେ, ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ଆଉ କେବଳ ଦେଶୀୟ ଆବଶ୍ୟକତା ପୂରଣରେ ସୀମିତ ନୁହେଁ; ବରଂ ବିଶ୍ୱ ପ୍ରତିରକ୍ଷା ବଜାରରେ ମଧ୍ୟ ସେଗୁଡ଼ିକ ନିଜର ବିଶ୍ୱସନୀୟତା ଓ ସାମର୍ଥ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି ।

ଭାରତର ପ୍ରତିରକ୍ଷା ରପ୍ତାନିରେ ଦ୍ରୁତ ଅଭିବୃଦ୍ଧିର ସବୁଠାରୁ ମୁଖ୍ୟ କାରଣ ହେଉଛି ଏହାର ସ୍ୱଦେଶୀ ଉତ୍ପାଦନ କ୍ଷମତା । ଗତ କିଛି ବର୍ଷ ମଧ୍ୟରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ), ସରକାରୀ କ୍ଷେତ୍ରର ଉଦ୍ୟୋଗ ଏବଂ ବେସରକାରି କମ୍ପାନିମାନେ ଆଧୁନିକ ଅସ୍ତ୍ରଶସ୍ତ୍ର, ରାଡାର, କ୍ଷେପଣାସ୍ତ୍ର, ଡ୍ରୋନ୍, ତୋପ, ଗୋଳାବାରୁଦ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଣାଳୀର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସରକାର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବେସରକାରି ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା ସହ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ସମ୍ବନ୍ଧୀୟ ନିୟମକୁ ସରଳ କରିଛନ୍ତି ଏବଂ ସ୍ୱଦେଶୀ ଶିଳ୍ପକୁ ଅଗ୍ରାଧିକାର ଦେଉଥିବା ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିଛନ୍ତି । ଏହାର ପରିଣାମସ୍ୱରୂପ, ଦେଶରେ ପ୍ରତିରକ୍ଷା ଉତ୍ପାଦନ ପାଇଁ ଏକ ସୁଦୃଢ଼ ଏବଂ ବ୍ୟାପକ ଔଦ୍ୟୋଗିକ ଭିତ୍ତିଭୂମି ଗଢ଼ିଉଠିଛି ।

ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ସଫଳତା କେବଳ ଏକ ପ୍ରଯୁକ୍ତିଗତ ଉପଲବ୍ଧିରେ ସୀମିତ ନୁହେଁ; ବରଂ ଏହା ଭାରତର ରଣନୈତିକ ବିଶ୍ୱସନୀୟତାର ମଧ୍ୟ ଏକ ପ୍ରତୀକରେ ପରିଣତ ହୋଇଛି । ଧ୍ୱନିର ବେଗଠାରୁ ପ୍ରାୟ ତିନିଗୁଣ ଅଧିକ ଗତି, ଉଚ୍ଚ ଲକ୍ଷ୍ୟଭେଦୀ କ୍ଷମତା ଏବଂ ସ୍ଥଳ, ସମୁଦ୍ର ଓ ଆକାଶ—ଏହି ତିନୋଟି ପ୍ଲାଟଫର୍ମରୁ ପ୍ରକ୍ଷେପଣ କରିବାର କ୍ଷମତା ବ୍ରହ୍ମୋସ୍‌କୁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରମାନଙ୍କ ମଧ୍ୟରେ ସ୍ଥାନ ଦେଇଛି । ଭାରତୀୟ ସଶସ୍ତ୍ର ବାହିନୀରେ ଏହାର ସଫଳ ବ୍ୟବହାର ଏବଂ ବାସ୍ତବ ପରିସ୍ଥିତିରେ ଏହାର ପ୍ରମାଣିତ କାର୍ଯ୍ୟକ୍ଷମତା ବିଦେଶୀ ଦେଶମାନଙ୍କର ଆସ୍ଥାକୁ ଆହୁରି ସୁଦୃଢ଼ କରିଛି । ଏହି କାରଣରୁ ବର୍ତ୍ତମାନ ବିଶ୍ୱର ଅନେକ ଦେଶ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର କ୍ରୟ କରିବା ପ୍ରତି ଗଭୀର ଆଗ୍ରହ ପ୍ରକାଶ କରୁଛନ୍ତି ।

ପ୍ରତିରକ୍ଷା ସାମଗ୍ରୀର ରପ୍ତାନି କେବଳ ଏକ ଆର୍ଥିକ କାର୍ଯ୍ୟକଳାପରେ ସୀମିତ ନୁହେଁ; ବରଂ ଏହା ଧୀରେ ଧୀରେ ଭାରତର କୂଟନୀତିର ଏକ ପ୍ରଭାବଶାଳୀ ମାଧ୍ୟମରେ ପରିଣତ ହେଉଛି । ଫିଲିପାଇନ୍ସ, ଭିଏତନାମ ଏବଂ ଇଣ୍ଡୋନେସିଆ ଭଳି ଦେଶଗୁଡ଼ିକୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଭାରତ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ନିଜର ରଣନୈତିକ ଭାଗୀଦାରିକୁ ଆହୁରି ସୁଦୃଢ଼ କରୁଛି । ସେହିପରି, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭଳି ଉପସାଗରୀୟ ଦେଶମାନଙ୍କ ସହ ସମ୍ଭାବ୍ୟ ପ୍ରତିରକ୍ଷା ସହଯୋଗ ଭାରତର ପଶ୍ଚିମ ଏସିଆ ନୀତିକୁ ନୂତନ ଶକ୍ତି ପ୍ରଦାନ କରୁଛି । ଏହାର ପରିଣାମସ୍ୱରୂପ, ଭାରତର ବିଦେଶ ନୀତିରେ ପ୍ରତିରକ୍ଷା ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଉଭା ହେଉଛି ।

ଭାରତର ପ୍ରତିରକ୍ଷା ରପ୍ତାନିରେ ବୃଦ୍ଧିର ଏକ ପ୍ରମୁଖ କାରଣ ହେଉଛି ଭାରତୀୟ ପ୍ରତିରକ୍ଷା ସାମଗ୍ରୀର ବ୍ୟୟ-ପ୍ରଭାବଶାଳୀତା (କଷ୍ଟ ଏଫେକ୍ଟିଭନେସ) । ପଶ୍ଚିମ ଦେଶଗୁଡ଼ିକର ପ୍ରତିରକ୍ଷା ପ୍ରଣାଳୀ ତୁଳନାରେ ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ଅପେକ୍ଷାକୃତ କମ୍ ମୂଲ୍ୟରେ ଉପଲବ୍ଧ ହେଉଥିବାବେଳେ, ସେଗୁଡ଼ିକର ଗୁଣବତ୍ତା, କାର୍ଯ୍ୟକ୍ଷମତା ଏବଂ ପ୍ରଯୁକ୍ତିଗତ ମାନ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗିତାମୂଳକ ରହିଛି । ବିଶେଷକରି ବିକାଶଶୀଳ ଦେଶମାନଙ୍କ ପାଇଁ ଏହା ଏକ ଆକର୍ଷଣୀୟ ଓ ବ୍ୟବହାରିକ ବିକଳ୍ପ ଭାବେ ଉଭା ହୋଇଛି । ଏହି କାରଣରୁ ଏସିଆ, ଆଫ୍ରିକା ଏବଂ ପଶ୍ଚିମ ଏସିଆର ଅନେକ ଦେଶ ଭାରତକୁ ଏକ ବିଶ୍ୱସନୀୟ ପ୍ରତିରକ୍ଷା ସହଭାଗୀ ଭାବେ ଦେଖୁଛନ୍ତି ।

ଭାରତରେ ବ୍ରହ୍ମୋସ୍ ଭଳି ପ୍ରଣାଳୀଗୁଡ଼ିକର ଅଧିକ ମାତ୍ରାରେ ଉତ୍ପାଦନ ଆରମ୍ଭ ହେବା ମଧ୍ୟ ରପ୍ତାନିକୁ ବଢାଇବା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ । ଆମ ଦେଶର ସେନା ଆବଶ୍ୟକତା ସହିତ ସହ, ବିଦେଶୀ ଅର୍ଡରଗୁଡ଼ିକୁ ପୂରଣ କରିବା ପାଇଁ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରାଯାଉଛି । ଏହା ଫଳରେ କେବଳ ଯେ ସମୟୋଚିତ ଯୋଗାଣ ସମ୍ଭବ ହେବ ତା ନୁହେଁ, ବରଂ ବିଶ୍ୱ ବଜାରରେ ଭାରତର ବିଶ୍ୱସନୀୟତା ମଧ୍ୟ ଆହୁରି ସୁଦୃଢ଼ ହେବ । ବଢୁଥିବା ଉତ୍ପାଦନ କ୍ଷମତା ଭବିଷ୍ୟତରେ ବଡ଼ ରପ୍ତାନି ଚୁକ୍ତି ହାସଲ କରିବାରେ ସହାୟକ ହେବ ।

ପ୍ରତିରକ୍ଷା ରପ୍ତାନିରେ ଆର୍ଥିକ ଲାଭ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଦେଶରେ ଉଚ୍ଚ ପ୍ରଯୁକ୍ତି ଆଧାରିତ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଥାଏ, ହଜାର ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଚାକିରି ସୃଷ୍ଟି କରେ, ଗବେଷଣା ଓ ବିକାଶରେ ନିବେଶ ବୃଦ୍ଧି କରେ ଏବଂ ବିଦେଶୀ ମୁଦ୍ରା ଅର୍ଜନ କରିବାରେ ସହାୟକ ହୁଏ । ପ୍ରତିରକ୍ଷା ଶିଳ୍ପର ବିସ୍ତାର ଫଳରେ ଏମଏସଏମଇ, ଷ୍ଟାର୍ଟଅପ୍ ଏବଂ ବେସରକାରି କମ୍ପାନୀମାନଙ୍କ ପାଇଁ ମଧ୍ୟ ନୂତନ ସୁଯୋଗ ସୃଷ୍ଟି ହେଉଛି । ଏହା ଫଳରେ ସମଗ୍ର ପ୍ରତିରକ୍ଷା ଯୋଗାଣ ଶୃଙ୍ଖଳ ସୁଦୃଢ଼ ହେଉଛି ଏବଂ ଭାରତର ଔଦ୍ୟୋଗିକ ଭିତ୍ତିଭୂମି ଆହୁରି ବ୍ୟାପକ ହେଉଛି ।

ତେବେ ଏହାକୁ ନେଇ ଭାରତ ସମ୍ମୁଖରେ ଅନେକ ଚ୍ୟାଲେଞ୍ଜ ମଧ୍ୟ ରହିଛି । ବିଶ୍ୱ ପ୍ରତିରକ୍ଷା ବଜାରରେ ଆମେରିକା, ରୁଷ, ଫ୍ରାନ୍ସ, ଚୀନ ଏବଂ ଇସ୍ରାଏଲ ଭଳି ଦେଶମାନଙ୍କର ଶକ୍ତିଶାଳୀ ଉପସ୍ଥିତି ରହିଛି । ଏହି ପରିସ୍ଥିତିରେ ଭାରତ ପାଇଁ କେବଳ ଆଧୁନିକ ଅସ୍ତ୍ରଶସ୍ତ୍ର ବିକାଶ କରିବା ପର୍ଯ୍ୟାପ୍ତ ନୁହେଁ; ବରଂ ବିକ୍ରୟ ପରବର୍ତ୍ତୀ ସେବା, ସ୍ପେୟାର ପାର୍ଟ୍ସର ଉପଲବ୍ଧତା, ପ୍ରଶିକ୍ଷଣ, ପ୍ରଯୁକ୍ତିଗତ ସହାୟତା ଏବଂ ସମୟୋଚିତ ଯୋଗାଣ ଭଳି ସେବାଗୁଡ଼ିକୁ ମଧ୍ୟ ସୁଦୃଢ଼ କରିବା ଆବଶ୍ୟକ । ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଯଦି ଭାରତ ଏହି କ୍ଷେତ୍ରଗୁଡ଼ିକରେ ମଧ୍ୟ ବିଶ୍ୱସନୀୟତା ହାସଲ କରିବାରେ ସଫଳ ହେବ , ତେବେ ଏହା ବିଶ୍ୱ ପ୍ରତିରକ୍ଷା ରପ୍ତାନି ବଜାରରେ ଅଧିକ ସୁଦୃଢ଼ ସ୍ଥିତି ହାସଲ କରିପାରିବ ।

ଭବିଷ୍ୟତ ଦୃଷ୍ଟିକୋଣରୁ ଭାରତର ସମ୍ଭାବନା ଅତ୍ୟନ୍ତ ଉଜ୍ଜ୍ୱଳ ଦେଖାଯାଉଛି । ବ୍ରହ୍ମୋସ୍ ବ୍ୟତୀତ ଆକାଶ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ପିନାକା ରକେଟ୍ ପ୍ରଣାଳୀ, ସ୍ୱଦେଶୀ ରାଡାର, ହେଲିକପ୍ଟର, ଡ୍ରୋନ୍ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ପ୍ଲାଟଫର୍ମମାନେ ମଧ୍ୟ ବିଶ୍ୱ ବଜାରରେ ନିଜ ସ୍ଥାନ ଗଢ଼ିପାରିବେ । ଯଦି ସରକାର, ପ୍ରତିରକ୍ଷା ଶିଳ୍ପ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ଏହି ଗତିରେ କାର୍ଯ୍ୟ କରି ଚାଲନ୍ତି, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତ ବିଶ୍ୱର ପ୍ରମୁଖ ପ୍ରତିରକ୍ଷା ରପ୍ତାନିକାରୀ ଦେଶମାନଙ୍କ ଶ୍ରେଣୀରେ ସାମିଲ ହୋଇପାରିବ ।

ତେଣୁ ଆମେ କହି ପାରିବା ଯେ. ଭାରତର ପ୍ରତିରକ୍ଷା ରପ୍ତାନି କେବଳ ଅସ୍ତ୍ରଶସ୍ତ୍ର ବିକ୍ରୟରେ ସୀମିତ ନୁହେଁ । ଏହା ଦେଶର ପ୍ରଯୁକ୍ତିଗତ ଦକ୍ଷତା, ଔଦ୍ୟୋଗିକ ଆତ୍ମନିର୍ଭରତା, ଆର୍ଥିକ ସାମର୍ଥ୍ୟ ଏବଂ ରଣନୈତିକ କୂଟନୀତିର ଏକ ସମନ୍ୱିତ ପ୍ରତିଫଳନ । ବ୍ରହ୍ମୋସ୍ ଭଳି ସ୍ୱଦେଶୀ ପ୍ରତିରକ୍ଷା ପ୍ରଣାଳୀର ବିଶ୍ୱସ୍ତରୀୟ ସ୍ୱୀକୃତି, ବିଭିନ୍ନ ଦେଶ ସହ ବୃଦ୍ଧି ପାଉଥିବା ପ୍ରତିରକ୍ଷା ସହଯୋଗ ଚୁକ୍ତି ଏବଂ ରପ୍ତାନିରେ କ୍ରମାଗତ ଅଭିବୃଦ୍ଧି ଏହା ସ୍ପଷ୍ଟ କରୁଛି ଯେ, ଭାରତ ବର୍ତ୍ତମାନ ବିଶ୍ୱ ପ୍ରତିରକ୍ଷା ଶିଳ୍ପରେ ଏକ ଉଦୀୟମାନ ଶକ୍ତି ଭାବେ ନିଜର ସ୍ଥାନ ସୁଦୃଢ଼ କରିବାରେ ଲାଗିଛି । ଯଦି ଉତ୍ପାଦନ କ୍ଷମତାର ବିସ୍ତାର, ନବସୃଜନ ଏବଂ ଦୀର୍ଘମିଆଦୀ ପ୍ରତିରକ୍ଷା ସହଯୋଗକୁ ସମାନ ଗୁରୁତ୍ୱ ସହ ଆଗକୁ ବଢ଼ାଯାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତ କେବଳ ନିଜର ପ୍ରତିରକ୍ଷା ଆବଶ୍ୟକତାକୁ ସ୍ୱଦେଶୀ ଭାବେ ପୂରଣ କରିବ ନୁହେଁ, ବରଂ ବିଶ୍ୱର ଅନେକ ଦେଶ ପାଇଁ ଏକ ବିଶ୍ୱସନୀୟ ପ୍ରତିରକ୍ଷା ସାମଗ୍ରୀ ଯୋଗାଣକାରୀ ଭାବେ ମଧ୍ୟ ପ୍ରତିଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଧୀରେ ଧୀରେ ଭାରତ ଏହି ଦିଗରେ ଅଗ୍ରସର ହେବାରେ ଲାଗିଛି ।



# ଇରାନ-ଆମେରିକା ମୁହାଁମୁହିଁ , ପୁଣି ବଢ଼ିବ ତେଲ ଦର !

**ନୂଆଦିଲ୍ଲୀ,୯ ।୭(ଏଜେନ୍ସି):**ମାତ୍ର ୭୨ ଘଣ୍ଟା ତଳର କଥା । ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଉଥିବାର ଦେଖି ସାଧାରଣ ଭାରତୀୟଟିଏ ଆଶା ବାନ୍ଧିଥିଲା ଯେ, ବୋଧହୁଏ ଏଥର ପେଟ୍ରୋଲ ଓ ଡିଜେଲ ଦର କମିବ। ଖାଉଟି ଭାବୁଥିଲେ, ଅଗଷ୍ଟ ଦ୍ୱିତୀୟ ସପ୍ତାହ ବେଳକୁ ପକେଟକୁ ଟିକେ ଆଶ୍ୱସ୍ତି ମିଳିବ । କିନ୍ତୁ କାହିଁକି କୁହାଯାଏ ଅର୍ଥନୀତିର ପାଣିପାଗ ଅନିଶ୍ଚିତ, ତାହା ଗତ ୩ ଦିନ ମଧ୍ୟରେ ସ୍ପଷ୍ଟ ହୋଇଯାଇଛି । ପଶ୍ଚିମ ଏସିଆରୁ ଆସିଥିବା ଯୁଦ୍ଧର ବାର୍ତ୍ତା ସାରା ବିଶ୍ୱର ତେଲ ବଜାରରେ ନିଆଁ ଲଗାଇ ଦେଇଛି । ସମଗ୍ର ବିଶ୍ୱ ଏବେ ହର୍ମୁଜ ପ୍ରଣାଳୀ ଉପରେ ନଜର ରଖିଛି । ଏହା କେବଳ ଏକ ସଂକୀର୍ଣ୍ଣ ଜଳପଥ ନୁହେଁ, ବରଂ ବିଶ୍ୱ ଅର୍ଥନୀତିର କଣ୍ଠନଳୀ । ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ବାଟ ଦେଇ ହୋଇଥାଏ । ଇରାନ ଏବଂ ଆମେରିକା ମଧ୍ୟରେ ବଢୁଥିବା ସାମରିକ ତିକ୍ତତା ଏହି ଜଳପଥକୁ ଅଶାନ୍ତ କରିଦେଇଛି । କତାରର ଅଲ୍ ରେକୟାତ ଏବଂ ସାଉଦି ଆରବର



ବେଦୟାନ ଭଳି ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣ ବିଶ୍ୱ ବଜାରରେ ଆତଙ୍କ ଖେଳାଇ ଦେଇଛି । ଫଳରେ, ଯେଉଁ ଅଶୋଧିତ ତୈଳ ୭୨ ଡଲାର ତଳେ ଥିଲା, ତାହା ମାତ୍ର ୩ ଦିନରେ ୮୦ ଡଲାର ଛୁଇଁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଦେଇଥିବା ଚେତାବନୀ ପରିସ୍ଥିତିକୁ ଆହୁରି ଜଟିଳ କରିଛି । ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଏହି ଅଞ୍ଚଳରେ ନିଜର ଗତିବିଧି ବଢ଼ାଇବା ସହ ଇରାନ ଉପରେ କଟକଣା କଠୋର କରିବାକୁ ସଂକେତ ଦେଇଛି । ଯେତେବେଳେ ଦୁଇ ଶକ୍ତିଶାଳୀ ଦେଶ ମୁହାଁମୁହିଁ ହୁଅନ୍ତି, ତାର ସିଧାସଳଖ ପ୍ରଭାବ ଅଶୋଧିତ ତୈଳ ଉପରେ ପଡ଼ିଥାଏ । ଭାରତ ତା'ର ଆବଶ୍ୟକତାର ପ୍ରାୟ ୮୦ ପ୍ରତିଶତରୁ ଅଧିକ ତେଲ ଆମଦାନୀ କରେ । ତେଣୁ ଆନ୍ତର୍ଜାତୀୟ ବଜାରରେ ଗୋଟିଏ ଡଲାର ବଢ଼ିଲେ ଭାରତୀୟ ଅର୍ଥନୀତିରେ ତାର କମ୍ପନ ଅନୁଭୂତ ହୁଏ । ଯଦି ପେଟ୍ରୋଲ ଓ ଡିଜେଲ ଶସ୍ତା ନହୁଏ, ତେବେ ପରିବହନ ଖର୍ଚ୍ଚ କମିବ ନାହିଁ । ଫଳରେ ବଜାରରେ ପନିପରିବା, ଡାଲି ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ିବ । ଅଧିକ ଦାମରେ ତେଲ କିଣିବା ଫଳରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ପଡ଼ିବ, ଯାହା ଟଙ୍କାର ମୂଲ୍ୟକୁ ଦୁର୍ବଳ କରିପାରେ । ବର୍ତ୍ତମାନ ସ୍ଥିତିରେ ସାଧାରଣ ଜନତାଙ୍କ ପାଇଁ ଶସ୍ତା ପେଟ୍ରୋଲ ଏକ ସ୍ୱପ୍ନ ଭଳି ମନେ ହେଉଛି । ପଶ୍ଚିମ ଏସିଆର ଏହି 'ତେଲ ନିଆଁ' ଯଦି କୂଟନୈତିକ ସ୍ତରରେ ପ୍ରଶମିତ ନହୁଏ, ତେବେ ଆଗାମୀ ଦିନରେ ସାଧାରଣ ମଣିଷର ପକେଟ୍ ଆହୁରି ଶୂନ୍ୟ ହେବା ନିଶ୍ଚିତ । ବିଶ୍ୱ ବଜାରର ଏହି ଅସ୍ଥିରତା ପ୍ରମାଣିତ କରୁଛି ଯେ, ସୀମାରେ ଯୁଦ୍ଧ କେବଳ ସୈନିକଙ୍କୁ ନୁହେଁ, ବରଂ ହଜାର ହଜାର କିଲୋମିଟର ଦୂରରେ ଥିବା ଜଣେ ସାଧାରଣ ନାଗରିକର ରୋଷେଇ ଘରକୁ ମଧ୍ୟ ପ୍ରଭାବିତ କରିଥାଏ ।

## ରାମ ମନ୍ଦିର ଦାନ ଚୋରି ମାମଲା

# ୩ ପ୍ରମୁଖ ଟ୍ରଷ୍ଟିଙ୍କ ଆଇଡି ବନ୍ଦ

**ନୂଆଦିଲ୍ଲୀ,୯ ।୭(ଏଜେନ୍ସି):**ଅଯୋଧ୍ୟା ରାମମନ୍ଦିର ଦାନ ଚୋରି ମାମଲାରେ ଲଗାତାର ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି । ପୁଲିସ, ଏସଆଇଟି ଏବଂ ଉତ୍ତରପ୍ରଦେଶ ସରକାର ଏହି ମାମଲାରେ କଡ଼ା ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ଦାନ ଚୋରି ଘଟଣାରେ ଆଉ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ହୋଇଛି । ରାମମନ୍ଦିର ଟ୍ରଷ୍ଟରୁ ନିଷ୍କାସିତ ଚମ୍ପତ ରାୟ, ଡାକ୍ତର ଅନିଲ ମିଶ୍ର ଏବଂ ଗୋପାଲ ରାଓଙ୍କ କ୍ଷମତା କାଢ଼ି ନିଆଯାଇଛି । ସେମାନଙ୍କୁ ଦିଆଯାଇଥିବା ବିଶେଷ ପରିଚୟପତ୍ର ବାତିଲ କରାଯାଇଛି । ଫଳରେ ସେମାନେ ଆଉ ରାମମନ୍ଦିରରେ ଭିଆଇପି ଏବଂ ସୁଗମ ଦର୍ଶନ ପାଇଁ ପାସ୍ ଜାରି କରିପାରିବେ ନାହିଁ। ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ତଦନ୍ତ କରୁଛି ଏବଂ ଏହି ତଦନ୍ତରେ ଅନେକ ବଡ଼ ଖୁଲାସା ସାମ୍ନାକୁ ଆସୁଛି । ଏହି ମଧ୍ୟରେ, ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଏକ ବଡ଼ ପ୍ରଶାସନିକ ନିଷ୍ପତ୍ତି ନେଇଛି । ଟ୍ରଷ୍ଟରୁ ନିଷ୍କାସିତ ପୂର୍ବତନ ମହାସଚିବ ଚମ୍ପତ ରାୟ, ପୂର୍ବତନ ସଦସ୍ୟ ଡାକ୍ତର ଅନିଲ ମିଶ୍ର ଏବଂ ବିଶେଷ ଆମନ୍ତ୍ରିତ ସଦସ୍ୟ ଗୋପାଲ ରାଓଙ୍କ ଭିଆଇପି ଏବଂ ସୁଗମ ଦର୍ଶନ ପାସ୍ ଜାରି କରିବାର କ୍ଷମତାକୁ ରଦ୍ଦ କରାଯାଇଛି । ମେ' ମାସର ଶେଷ ସପ୍ତାହରେ ରାମମନ୍ଦିର ଟ୍ରଷ୍ଟର ପଦାଧିକାରୀମାନେ ବ୍ୟାଙ୍କରେ ଜମା ହେଉଥିବା ଦାନ ରାଶିର ହିସାବ ଯାଞ୍ଚ କରିଥିଲେ । ସେହିସହିତ ପ୍ରତିଦିନ ଦାନ ପେଟି ଖାଲି କରିବା ପ୍ରକ୍ରିୟାକୁ ମଧ୍ୟ ଖତିଆନ କରିଥିଲେ । ଏହି ସମୟରେ ଦାନ ଟଙ୍କା ଚୋରି ହେଉଥିବା ସନ୍ଦେହ ସୃଷ୍ଟି ହୋଇଥିଲା । ବାସ୍ତବରେ, ଗୋଟିଏ ଦାନ ପେଟିରେ ଏକଥରରେ ପ୍ରାୟ ୬ରୁ ୭ ଲକ୍ଷ ଟଙ୍କା ଜମା ହେଉଥିଲା । କିନ୍ତୁ କିଛି ସପ୍ତାହ ପରେ ୫୦୦ ଟଙ୍କିଆ ନୋଟର ବଣ୍ଡିଲରେ ଟଙ୍କା କମ୍ ଥିବା ଦେଖାଯାଇଥିଲା। ସନ୍ଦେହ ଗଭୀର ହେବା ପରେ ଟ୍ରଷ୍ଟ ପକ୍ଷରୁ ନୋଟ ଗଣନା କକ୍ଷରେ କିଛି ଗୁପ୍ତ କ୍ୟାମେରା ଲଗାଯାଇଥିଲା । ଏକ ସପ୍ତାହର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ବଡ଼ ଖୁଲାସା ହୋଇଥିଲା । ଫୁଟେଜରେ ଦେଖାଯାଇଥିଲା ଯେ, ନୋଟ ଗଣନାରେ ନିୟୋଜିତ ଜଣେ କର୍ମଚାରୀ ଜାଣିଶୁଣି ସିସିଟିଭି କ୍ୟାମେରା ସାମ୍ନାରେ ଠିଆ ହେଉଥିଲେ, ଯାହାଦ୍ୱାରା ଅନ୍ୟ ଜଣେ ସହଯୋଗୀ ନୋଟର ବଣ୍ଡିଲୁ ଟଙ୍କା କାଢ଼ି ନିଜ ପୋଷାକ ଭିତରେ ଲୁଚାଇ ପାରୁଥିଲେ । କିନ୍ତୁ ଗୁପ୍ତ କ୍ୟାମେରାରେ ସେମାନଙ୍କ ଏହି ଚୋରିର ସମ୍ପୂର୍ଣ୍ଣ ଦୃଶ୍ୟ କଏଦ ହୋଇଯାଇଥିଲ । ଏହି ମାମଲାରେ ଏପର୍ଯ୍ୟନ୍ତ ଅବିନାଶ ଶୁକ୍ଲା, ଲବକୁଶ ମିଶ୍ର, ଅନୁକଳ୍ପ ମିଶ୍ର, ମନୀଷ କୁମାର ଯାଦବ, କରୁଣେଶ ପାଣ୍ଡେ, ରାମାଶଙ୍କର ମିଶ୍ର, ରାମ ଶଙ୍କର ଯାଦବ ଓରଫ୍ ଟିନ୍ନୁ ଯାଦବ ଏବଂ ସୁଭାଷ ଶ୍ରୀବାସ୍ତବଙ୍କୁ ପୁଲିସ ଗିରଫ କରିଛି । ଘଟଣାର ତଦନ୍ତ ଏବଂ ଅଭିଯୁକ୍ତମାନଙ୍କୁ ଜେରା ଜାରି ରହିଛି । ଗିରଫ ଅଭିଯୁକ୍ତମାନଙ୍କ ମୋବାଇଲ୍ ଫୋନରୁ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ରହସ୍ୟ ଓ ତଥ୍ୟ ସାମ୍ନାକୁ ଆସିଥିବା ଜଣାପଡ଼ିଛି ।

## ସୁଖେନ୍ଦୁଙ୍କ ସମେତ ବିଜେପିରେ ଯୋଗଦେଲେ ପଶ୍ଚିମବଙ୍ଗର ତିନି ପୂର୍ବତନ ସାଂସଦ

**ନୂଆଦିଲ୍ଲୀ,୯ ।୭(ଏଜେନ୍ସି):** ରାଜ୍ୟସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗର ତିନି ଜଣ ପୂର୍ବତନ ସାଂସଦ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇଛନ୍ତି । ଏମାନେ ହେଲେ ସୁସ୍ମିତା ଦେବ, ସୁଖେନ୍ଦୁ ଶେଖ ରୟ ଏବଂ ପ୍ରକାଶ ବାରିକ ।ଏହି ତିନି ଜଣ ଅତୀତରେ ତୃଣମୂଳ କଂଗ୍ରେସ (ଟିଏମ୍ସି)ରୁ ସାଂସଦ ହୋଇଥିଲେ । ପଶ୍ଚିମବଙ୍ଗର ତିନି ଜଣ ନେତା ବିଜେପିରେ ଯୋଗ ଦେବା ପରେ ମମତା ବାନାର୍ଜୀଙ୍କ ନେତୃତ୍ୱରେ ପରିଚାଳିତ ତୃଣମୂଳ କଂଗ୍ରେସକୁ ଶକ୍ତ ଝଟକା ଲାଗିଛି । ବରିଷ୍ଠ ବିଜେପି ନେତା ଶମିକ ଭଟ୍ଟାଚାର୍ଯ୍ୟ ଏହି ତିନି ନେତାଙ୍କ ବିଜେପିରେ ଯୋଗଦାନର ଆନୁଷ୍ଠାନିକ ଘୋଷଣା କରିଛନ୍ତି । ବିଜେପି ଏହି ତିନି ଜଣଙ୍କୁ ସେମାନଙ୍କ ଅବଶିଷ୍ଟ କାର୍ଯ୍ୟକାଳ ପାଇଁ ରାଜ୍ୟସଭାକୁ ପଠାଇପାରେ । ନାମାଙ୍କନ ଦାଖଲର ଶେଷ ତାରିଖ ହେଉଛି ୨୦୨୬ ଜୁଲାଇ ୧୪ ।

## ଏକନାଥ ସିନ୍ଦେଙ୍କ ସହିତ ଶରଦ ପାୱାରଙ୍କ ସାକ୍ଷାତକୁ ନେଇ ରାଜନୀତି ତୀବ୍ର

**ନୂଆଦିଲ୍ଲୀ,୯ ।୭(ଏଜେନ୍ସି):**ମହାରାଷ୍ଟ୍ର ରାଜନୀତି ପୁଣି ଚଳଚଞ୍ଚଳ ହୋଇଉଠିଛି । ଏନ୍ସିପି (ଏସ୍ପି) ମୁଖ୍ୟ ଶରଦ ପାୱାର ଓ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ବେଠକକୁ ନେଇ ରାଜନୀତି ତୀବ୍ର ହୋଇଛି । ବିରୋଧୀ ମହା ବିକାଶ ଅଘାଡ଼ି (ଏମ୍ଭିଏ) ଭିତରେ ବଢୁଥିବା ଅନିଶ୍ଚିତତା ମଧ୍ୟରେ ରାଜନେତିକ ପର୍ଯ୍ୟବେକ୍ଷକମାନେ ଏହାକୁ ଏକ ନିୟମିତ ସୌଜନ୍ୟ ସାକ୍ଷାତ ଅପେକ୍ଷା ବହୁ ଅଧିକ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ଧରି ଲାଗି ରହିଥିବା ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ ଉପରେ ଉଚ୍ଚ-କ୍ଷମତାସମ୍ପନ୍ନ କମିଟିର ବୈଠକରେ ଯୋଗଦେବା ପାଇଁ ବୁଧବାର ପାୱାର ରାଜ୍ୟ ବିଧାନସଭା ଯାଇଥିଲେ । ବୈଠକ



ଶେଷ ହେବା ପରେ, ଏନସିପି (ଏସ୍ପି) ମୁଖ୍ୟ ସିଧା ସିନ୍ଦେଙ୍କ ଚାମ୍ବରକୁ ଯାଇଥିଲେ, ତାଙ୍କ ସହିତ ଦଳର ବରିଷ୍ଠ ନେତା ଜୟନ୍ତ ପାଟିଲ, ଜିତେନ୍ଦ୍ର ଆହ୍ୱାଦ ଓ ଶଶିକାନ୍ତ ସିନ୍ଦେ ମଧ୍ୟ ଥିଲେ। ସେହି ସମୟରେ ଏକନାଥ ସିନ୍ଦେ ଏକ କ୍ୟାବିନେଟ ବୈଠକର ଅଧ୍ୟକ୍ଷତା କରୁଥିଲେ । ଉପମୁଖ୍ୟମନ୍ତ୍ରୀ ସିନ୍ଦେ ବେଠକ ଅଧାରୁ ବନ୍ଦ କରି ପାୱାରଙ୍କୁ ଭେଟିଥିଲେ। ଉଭୟ ନେତା ୧୫ ମିନିଟ ଧରି ଆଲୋଚନା କରିଥିଲେ । ସିନ୍ଦେଙ୍କ କାର୍ଯ୍ୟାଳୟ ଏହାକୁ ସୌଜନ୍ୟମୂଳକ ସାକ୍ଷାତକାର ବୋଲି କହିଥିଲେ ।ତେବେ ପାୱାରଙ୍କ ଏହି ସାକ୍ଷାତକୁ ନେଇ ମହାରାଷ୍ଟ୍ରରେ ରାଜନୀତି ତୀବ୍ର ହୋଇଛି। ଏମ୍ଭିଏର ସହଯୋଗୀ ଦଳ ଶିବସେନା (ୟୁବିଟି) ଗୁରୁବାର ଏହାକୁ ନେଇ ଆପତ୍ତି ପ୍ରକାଶ କରିଛି । ଶିବସେନା ସାଂସଦ ସଞ୍ଜୟ ରାଉତ କହିଛନ୍ତି, ଶରଦ ପାୱାରଙ୍କ ବିଚାରଧାରା ଉପରେ ଆମର କୌଣସି ସନ୍ଦେହ ନାହିଁ କିନ୍ତୁ ସିନ୍ଦେଙ୍କ କାର୍ଯ୍ୟାଳୟକୁ ଯାଇ ଶରଦ ପାୱାର ବିଶ୍ୱାସଘାତକମାନଙ୍କୁ ସମ୍ମାନ ଓ ପ୍ରତିଷ୍ଠା ଦେଇଥିଲେ । ଏଥିରେ ଆମେ ଆଘାତ ପାଇଛୁ । ସୂଚନାଯୋଗ୍ୟ, ସିନ୍ଦେଙ୍କ ନେତୃତ୍ୱରେ ଶିବସେନାରେ ଫାଟ ହୋଇଥିଲା ଓ ନିକଟରେ ଶିବସେନା (ୟୁବିଟି) ର ୬ ଜଣ ଦଳ ଛାଡ଼ି ସାଂସଦ ସିନ୍ଦେଙ୍କ ଦଳରେ ଯୋଗ ଦେଇଥିଲେ।

# କମିଲା ସୁନା ଦର

**ନୂଆଦିଲ୍ଲୀ,୯ ।୭(ଏଜେନ୍ସି):** ସାରା ବିଶ୍ୱ ଏବେ ଏକ ଜଳୁଥିବା ଆଗ୍ନେୟଗିରି ଉପରେ ଛିଡ଼ା ହୋଇଛି । ଯେତେବେଳେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶର ମଙ୍ଗୁଆଳ ଏକ ବଡ଼ ନିଷ୍ପତ୍ତି ନିଅନ୍ତି, ତାର ପ୍ରତିଧ୍ୱନି କେବଳ ରାଜନୀତିରେ ନୁହେଁ, ବରଂ ସାଧାରଣ ମଣିଷର ରୋଷେଇ ଘରୁ ନେଇ ସୁନା ଦୋକାନ ପର୍ଯ୍ୟନ୍ତ ଶୁଭିଥାଏ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନ ସହ ଶାନ୍ତି ଚୁକ୍ତି ରଦ୍ଦ କରିବା ଘୋଷଣା ମଧ୍ୟ-ପ୍ରାଚ୍ୟରେ ଯୁଦ୍ଧର କଳା ବାଦଲ ଘେରାଇ ଦେଇଛି । କିନ୍ତୁ ଏହି ଅସ୍ଥିରତା ମଧ୍ୟରେ ବଜାର ଯେଉଁ ଆଭିମୁଖ୍ୟ ଦେଖାଇଛି, ତାହା ଅର୍ଥନୀତିଜ୍ଞଙ୍କୁ ମଧ୍ୟ ଚକିତ କରିଦେଇଛି । ଇତିହାସ କୁହେ, ଯୁଦ୍ଧ କିମ୍ବା ଅଶାନ୍ତି ସମୟରେ ନିବେଶକମାନେ ସୁନାକୁ ସବୁଠାରୁ ନିରାପଦ ମନେକରି ସେଥିରେ ପୁଞ୍ଜି ଲଗାନ୍ତି, ଯାହାଦ୍ୱାରା ସୁନା ଦର ବଢ଼ିଥାଏ । କିନ୍ତୁ ଜୁଲାଇ ୯ ତାରିଖର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ଅନ୍ତର୍ଜାତୀୟ ବଜାର 'କୋମେକ୍ସ'ରେ ସୁନା ଦର ପ୍ରାୟ ୦.୩୭% ହ୍ରାସ ପାଇ ୪,୦୬୭ ଡଲାରରେ ପହଞ୍ଚିଛି । ଭାରତୀୟ ବଜାରରେ ମଧ୍ୟ ସୁନା ୧୦ ଗ୍ରାମ ପିଛା ୧.୪୩ ରୁ ୧.୪୪ ଲକ୍ଷ ଟଙ୍କା ମଧ୍ୟରେ ରହି ନିବେଶକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ରୁପା ଦର ମଧ୍ୟ କିଲୋ ପ୍ରତି ୨.୨୩ ଲକ୍ଷ ଟଙ୍କାକୁ ଖସି ଆସିଛି ।

## ତିରୁପତିର ଏକ ବିବାହ ମଣ୍ଡପରେ ରକ୍ତପାତ, ୨ ଜଣଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୯ ।୭(ଏଜେନ୍ସି):**ଆନ୍ଧ୍ର ପ୍ରଦେଶର ତିରୁପତି ଏକ ବିବାହ ମଣ୍ଡପରେ ରକ୍ତପାତ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏକ ବିବାହ ଉତ୍ସବବେଳେ ବୁଧବାର ରାତିରେ ଲକ୍ଷ୍ମୀପୁରମ ସର୍କଲ ନିକଟସ୍ଥ ଶ୍ରୀ ପଦ୍ମାବତୀ କଲ୍ୟାଣ ମଣ୍ଡପମ ବାହାରେ ଦୁଇ ଜଣଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା । ମୃତକମାନେ ହେଉଛନ୍ତି ୫୦ ବର୍ଷୀୟ ମୁନିରଥନମ୍ ଓ ୪୨ ବର୍ଷୀୟ ମଣିକଣ୍ଠ । ତିରୁମାଲା ତିରୁପତି ଦେବସ୍ଥାନମ ଦ୍ୱାରା ପରିଚାଳିତ ପଦ୍ମାବତୀ କଲ୍ୟାଣ ମଣ୍ଡପମ୍ ବାହାରେ ବିବାହ ଉତ୍ସବ ଚାଲିଥିବା ସମୟରେ ସେମାନଙ୍କୁ ଛୁରିରେ ଆକ୍ରମଣ କରାଯାଇଥିଲା । ମୁନିରଥନମଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଗୁରୁତର ଆହତ ମଣିକଣ୍ଠଙ୍କୁ ସରକାରୀ ହସ୍ପିଟାଲକୁ ନିଆଯିବା ସମୟରେ ମୃତ୍ୟୁ ହୋଇଥିଲା । ଏହି ଘଟଣାକୁ ନେଇ ବିବାହ କାର୍ୟ୍ୟକ୍ରମ ସ୍ଥଳରେ ଆତଙ୍କ ଖେଳି ଯାଇଥିଲା । ପୁଲିସ ସୂତ୍ର ଅନୁଯାୟୀ, ସମ୍ପୂର୍ଣ୍ଣମ୍ମା ନାମକ ଜଣେ ମହିଳାଙ୍କ ଝିଅ ସୁନିଲ ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ । ସୁନିଲ ଗତ କିଛି ମାସ ଧରି ତାଙ୍କ ଝିଅଠାରୁ ଅଲଗା ରହୁଥିଲେ । ସୁନୀଲ ସେହି ସ୍ଥାନରେ ଏକ ବିବାହ ଉତ୍ସବରେ ଯୋଗ ଦେବେ ବୋଲି ସମ୍ପୂର୍ଣ୍ଣମ୍ମା ଜାଣିବା ପରେ ମୁନିରଥନମ୍ ଓ ମନିକଣ୍ଠଙ୍କୁ ଜଣାଇଥିଲେ ।

## ପ୍ରଥମ୍ ଦିନରୁ ୫୭% ସାମଗ୍ରୀ ଶୁଳ୍କମୁକ୍ତ

# ମୋଦୀଙ୍କ ଗସ୍ତ ପୂର୍ବରୁ ଭାରତକୁ ବଡ଼ ପ୍ରସ୍ତାବ ଦେଲା ନ୍ୟୁଜିଲାଣ୍ଡ

**ନୂଆଦିଲ୍ଲୀ,୯ ।୭(ଏଜେନ୍ସି):**ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ଏବଂ ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ, ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଖବର ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ,ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଭାରତ ସହିତ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ । ସେ କହିଛନ୍ତି ଯେ, ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ, ନ୍ୟୁଜିଲାଣ୍ଡରୁ ଭାରତକୁ ପଠାଯାଉଥିବା ୫୭% ସାମଗ୍ରୀ ପ୍ରଥମ ଦିନରୁ ଶୁଳ୍କମୁକ୍ତ ହେବ ।



ଏହାକୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ବିବେଚନା କରାଯାଉଛି । ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ,ଲକ୍ସନ କହିଛନ୍ତି, ଭାରତ ସହ ଚୁକ୍ତି କରି ନ୍ୟୁଜିଲାଣ୍ଡ ବାଣିଜ୍ୟ ବୃଦ୍ଧି କରିବାକୁ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀ ଲକ୍ସନଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୦ ରୁ ୧୧ ଜୁଲାଇ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡକୁ ଦୁଇ ଦିନିଆ ଗସ୍ତ ପୂର୍ବରୁ ଏହି ଘୋଷଣା କରାଯାଇଛି । ପ୍ରାୟ ଚାରି ଦଶନ୍ଧି ମଧ୍ୟରେ ଏହି ଯାତ୍ରା ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ପ୍ରଥମ ଗସ୍ତ ହେବ । ଅକଲାଣ୍ଡରେ ରହଣି ସମୟରେ, ମୋଦୀ ତାଙ୍କର ଅଷ୍ଟ୍ରେଲୀୟ ପ୍ରତିପକ୍ଷ ଲକ୍ସନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ଏବଂ ଦୁଇ ଦେଶ ମଧ୍ୟରେ ସମ୍ପର୍କର ସମ୍ପୂର୍ଣ୍ଣ ସମୀକ୍ଷା କରିବେ । ଏହା ସହିତ ପ୍ରମୁଖ ବ୍ୟବସାୟ ଏବଂ କ୍ରୀଡା ବ୍ୟକ୍ତିତ୍ୱଙ୍କ ସହ ଆଲୋଚନା କରିବେ ଏବଂ ଭାରତୀୟ ପ୍ରବାସୀମାନଙ୍କର ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତକ୍ରମରେ ବାଣିଜ୍ୟ, ବାଣିଜ୍ୟ ଏବଂ ପ୍ରତିରକ୍ଷା ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଆଯିବ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ଯେ, ଦ୍ୱିପାକ୍ଷିକ ସମ୍ପର୍କ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଗତି ହାସଲ କରିଛି ।

## 'ମିସିଂ ଲିଙ୍କ୍' ପ୍ରକଳ୍ପ ବିବାଦରେ ଫଡନାଭିସ୍ ଓ ସଞ୍ଜୟ ରାଉତ ମୁହାଁମୁହିଁ

**ନୂଆଦିଲ୍ଲୀ,୯ ।୭(ଏଜେନ୍ସି):** ମୁମ୍ବାଇ-ପୁଣେ ଏକ୍ସପ୍ରେସୱେର ୭,୦୦୦ କୋଟି ବ୍ୟୟର ମହତ୍ୱାକାଂକ୍ଷୀ ମିସିଂ ଲିଙ୍କ୍ ପ୍ରକଳ୍ପର ନୂତନ ରାସ୍ତାରେ ପ୍ରଥମ ବର୍ଷାରେ ହିଁ ଭୂସ୍ଖଳନ ଘଟିବା ପରେ ମହାରାଷ୍ଟ୍ରରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି । ଏହି ତ୍ରୁଟିକୁ ନେଇ ବିରୋଧୀଙ୍କ ସମାଲୋଚନା ଓ ସୋସିଆଲ ମିଡିଆ ଟ୍ରୋଲିଂରେ କ୍ରୋଧିତ ହୋଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ସମାଲୋଚକମାନଙ୍କୁ ଭଡ଼ାଟିଆ ଘୋଡ଼ା ଓ କୁକୁର ଭଳି ଆପତ୍ତିଜନକ ଶବ୍ଦରେ



ତାଚ୍ଛଲ୍ୟ କରିଥିଲେ । ଏହାର ପ୍ରତିବାଦରେ ଶିବସେନା ସାଂସଦ ସଞ୍ଜୟ ରାଉତ ତୀବ୍ର ଅସନ୍ତୋଷ ପ୍ରକାଶ କରି ଏହାକୁ ମହାରାଷ୍ଟ୍ର ସଂସ୍କୃତିର ଘୋର ଅପମାନ ବୋଲି କହିଛନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ନିଃସର୍ତ୍ତ କ୍ଷମା ମାଗିବାକୁ ଦାବି କରିଛନ୍ତି । ରାଉତ ଅଭିଯୋଗ କରିଛନ୍ତି ଯେ, ମୋଦୀ, ଶାହ ଓ ଫଡନାଭିସ୍ ମହାରାଷ୍ଟ୍ରର ଛବି ଖରାପ କରୁଛନ୍ତି । ୫୦ କୋଟିରେ ବିଧାୟକ କିଣି ଅନୈତିକ ସରକାର ଗଢ଼ିବା ଏବଂ ଦୁର୍ନୀତି ଯୋଗୁଁ ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତି ଭୁଶୁଡ଼ିବା ରାଜ୍ୟ ପାଇଁ ପ୍ରକୃତ ଲଜ୍ଜାର ବିଷୟ। ଫଡନାଭିସଙ୍କୁ ଜଣେ ହତାଶ ନେତା ଭାବେ ବର୍ଣ୍ଣନା କରି ସେ ଖୁବ୍ ଶୀଘ୍ର ତାଙ୍କୁ ଆରଏସଏସର ପ୍ରକୃତ ଇତିହାସ ବହି ଉପହାର ଦେବେ ବୋଲି କହିଛନ୍ତି ।

## 'କେବଳ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ବିବାଦର ସମାଧାନ ହୋଇପାରିବ'

**ନୂଆଦିଲ୍ଲୀ,୯ ।୭(ଏଜେନ୍ସି):**ଅଷ୍ଟ୍ରେଲିଆରେ ଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନ ଏବଂ ଆମେରିକାକୁ ଏକ ବଡ଼ ବାର୍ତ୍ତା ଦେଇଛନ୍ତି । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଅ।ଲବାନିଜଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀ ଉଭୟ ପକ୍ଷକୁ ସଂଯମତା ଅବଲମ୍ବନ କରିବାକୁ ଅନୁରୋଧ କରିଛନ୍ତି । ଦୁଇ ଦେଶ ମଧ୍ୟରେ ଭଙ୍ଗ ହୋଇଥିବା ଅସ୍ତ୍ରବିରତି ଏବଂ ଚାଲିଥିବା ଆକ୍ରମଣ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସମସ୍ତ ପକ୍ଷଙ୍କୁ ଉତ୍ତେଜନା ହ୍ରାସ କରିବା, ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଶକ୍ତି ଯୋଗାଣ ତଥା ବାଣିଜ୍ୟ ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି । ମୋଦୀ ଏବଂ ଆଲବାନିଜ୍ ଆମେରିକା ଏବଂ ଇରାନ ମଧ୍ୟରେ ସମ୍ପ୍ରତି ବୃଦ୍ଧି ପାଇଥିବା ଉତ୍ତେଜନା ଉପରେ ଚିନ୍ତା ପ୍ରକାଶ କରିଛନ୍ତି । ସେମାନେ ମିଳିତ ଭାବରେ କହିଛନ୍ତି, ଯେକୌଣସି ବିବାଦର ସମାଧାନ କେବଳ ଶାନ୍ତିପୂର୍ଣ୍ଣ ଭାବରେ ହୋଇପାରିବ । ଯୁଦ୍ଧର ସମାଧାନ ଆଲୋଚନା ଏବଂ କୂଟନୀତିରେ ଦ୍ୱାରା ସମ୍ଭବ। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ଭାରତ ଏବଂ ଅଷ୍ଟ୍ରେଲିଆ ବିଶ୍ୱାସ କରନ୍ତି ଯେ ଆତଙ୍କବାଦ



କେବଳ କୌଣସି ଗୋଟିଏ ଦେଶ ପାଇଁ ନୁହେଁ ବରଂ ସମଗ୍ର ମାନବଜାତି ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ । ତେଣୁ, ଆତଙ୍କବାଦ ବିରୋଧରେ ଆମର ଲଢ଼େଇ ସମାନ, ଆମର ସଂକଳ୍ପ ଅଟଳ ଏବଂ ଆମର ସହଯୋଗ ନିରନ୍ତର ମଜବୁତ ହେଉଛି । ସେ ଆହୁରି କହିଛନ୍ତି, ଏକାଠି, ଆମେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି, ସ୍ଥିରତା, ନୌଚାଳନର ସ୍ୱାଧୀନତା ଏବଂ ଏକ ନିୟମ-ଆଧାରିତ କ୍ରମକୁ ଆହୁରି ସୁଦୃଢ଼ କରିବୁ।

## ରୁଷର ତୈଳ ଡିପୋ, ଟ୍ୟାଙ୍କର ଉପରେ ଡ୍ରୋନ୍ ଆକ୍ରମଣ କଲା ୟୁକ୍ରେନ

**ନୂଆଦିଲ୍ଲୀ,୯ ।୭(ଏଜେନ୍ସି):**ୟୁକ୍ରେନ ପକ୍ଷରୁ ରୁଷର ଇନ୍ଧନ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରହିଛି । ୟୁକ୍ରେନର ଡ୍ରୋନ୍ ରୁଷର ତୈଳ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବା ସହ ଆଜୋଭ ସାଗରରେ ଦୁଇଟି ତୈଳ ଟ୍ୟାଙ୍କରକୁ ଟାର୍ଗେଟ କରିଛି । ତୈଳ ଟ୍ୟାଙ୍କରଗୁଡିକରେ ନିଆଁ ଲାଗି ଯାଇଛି। ରୁଷ ଏବଂ ୟୁକ୍ରେନ ମଧ୍ୟରେ ରାତିସାରା ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରହିଛି। ପଶ୍ଚିମ ରୁଷ ସହର ଟଭରରେ ଏକ ତୈଳ ଡିପୋରେ ଗୁରୁବାର ସକାଳେ ଏକ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ଯୋଗୁଁ ନିଆଁ ଲାଗିଯାଇଛି ବୋଲି କାର୍ଯ୍ୟକାରୀ ଆଞ୍ଚଳିକ ରାଜ୍ୟପାଳ ଭିଟାଲି କୋରୋଲିଓଭ କହିଛନ୍ତି । ବୁଧବାର ଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନକୁ ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ ପାଇଁ ଲାଇସେନ୍ସ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଏହି ଆକ୍ରମଣ ହୋଇଛି । ତୁର୍କିରେ ନାଟୋ ଶିଖର ସମ୍ମିଳନୀ ଅବସରରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ଏକ ବୈଠକ ସମୟରେ ସେ ଏହି ଘୋଷଣା କରିଥିଲେ । ୟୁକ୍ରେନ ପକ୍ଷରୁ ତୈଳ ବିଶୋଧନାଗାର ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ଉପରେ ଆକ୍ରମଣ ଯୋଗୁଁ ରୁଷରେ ଇନ୍ଧନ ସଙ୍କଟ ସୃଷ୍ଟି ହୋଇଛି । ବିଭିନ୍ନ ଅଞ୍ଚଳରେ



ପେଟ୍ରୋଲ ଅଭାବ ଏବଂ ଇନ୍ଧନ ଅଭାବ ଥିବା ରିପୋର୍ଟ ହୋଇଛି । ଲୋକେ ଟାଙ୍କି ପୂରଣ କରିବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିଛନ୍ତି । ଦକ୍ଷିଣ ଷ୍ଟାଭ୍ରୋପୋଲ ଅଞ୍ଚଳରେ, ରାଜ୍ୟପାଳ ଭ୍ଲାଦିମିର ଭ୍ଲାଦିମିରଭ କହିଛନ୍ତି ଯେ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମରରେ ଭୟାଜନିକିରେ ଏକ ତୈଳ ଭଣ୍ଡାର ପୋଡ଼ି ଯାଇଛି । ସେ କହିଛନ୍ତି ଯେ ନିଆଁ ବ୍ୟାପିବା ପରେ କର୍ତ୍ତୃପକ୍ଷ ଏହା ଆଖପାଖରେ ଥିବା ଅନେକ ଆପାର୍ଟମେଣ୍ଟର ବାସିନ୍ଦାଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ରୋଷ୍ଟଭ ରାଜ୍ୟପାଳ ୟୁରି ସ୍ଲୁସାରଙ୍କ ଅନୁଯାୟୀ, ଆଜୋଭ ସାଗରରେ ୟୁକ୍ରେନୀୟ ଡ୍ରୋନ୍ ଦୁଇଟି ତେଲ ଟ୍ୟାଙ୍କରରେ ନିଆଁ ଲଗାଇ ଦେଇଛି। ଗୋଟିଏ ଜାହାଜ ଏବେ ବି ଜଳୁଛି ଏବଂ କର୍ମଚାରୀମାନଙ୍କୁ ଖାଲି କରାଯାଇଛି। ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ, ଆମର ବାୟୁ ପ୍ରତିରକ୍ଷା ବୁଧବାର ବିଳମ୍ବିତ ରାତି ଠାରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ୭୩ଟି ୟୁକ୍ରେନୀୟ ଡ୍ରୋନ୍କୁ ଖସାଇ ଦେଇଛି । ୟୁକ୍ରେନର ବାୟୁସେନା କହିଛି ଯେ, ରୁଷ ରାତିସାରା ୟୁକ୍ରେନ ଉପରେ ୯୪ଟି ଦୂରଗାମୀ ଷ୍ଟ୍ରାଇକ୍ ଡ୍ରୋନ୍ ଏବଂ ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ୭୨ଟି ଡ୍ରୋନକୁ ଅଟକା ଯାଇଛି । ତେବେ ବ୯ଟି ଡ୍ରୋନ ଏବଂ ଉଭୟ କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରି ୧୩ଟି ସ୍ଥାନକୁ କ୍ଷତି ପହଞ୍ଚାଇଛି ।

# ଟିଏମ୍ସି ପାଣ୍ଠିରେ କିଣାଯାଇଥିବା ବିମାନକୁ ଭଡ଼ାରେ ନେଉଥିଲେ ମମତା

**ନୂଆଦିଲ୍ଲୀ,୯ ।୭(ଏଜେନ୍ସି):**ତୃଣମୂଳ କଂଗ୍ରେସ ବିରୋଧରେ ଚାଲିଥିବା ଆର୍ଥିକ ଅନିୟମିତତା ଓ ଅବୈଧ ଭାବେ ପାଣ୍ଠି ସଂଗ୍ରହ ମାମଲାରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାତରେ ବଡ଼ ତଥ୍ୟ ଲାଗିଛି। ମମତା ବାନାର୍ଜୀଙ୍କ ସହିତ ଜଡିତ କୋଲକାତା ସମେତ ପାଞ୍ଚଟି ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢାଉ କରିଥିଲା । ଚଢାଉ ସମୟରେ ଇଡି ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରଘଟ କରିଛି, ଯାହା ପୁଣି ଥରେ ମମତା ବାନାର୍ଜୀଙ୍କ ସମସ୍ୟା ବୃଦ୍ଧି କରିଛି। ଇଡି ଟିଏମସିର ବ୍ୟାଙ୍କ ଆ।କାଉଣ୍ଟ ଓ ଏକ ଚାର୍ଟର ଫ୍ଲାଇଟ୍ କମ୍ପାନି ମଧ୍ୟରେ କୋଟି କୋଟି ଟଙ୍କାର ସନ୍ଦେହଜନକ କାରବାର ଠାବ କରିଥିବା ଦାବି କରିଛି । ଇଡିର ପ୍ରାଥମିକ ତଦନ୍ତରୁ ଏହି ମାମଲା ଟିଏମ୍ସିର ଦଳୀୟ ପାଣ୍ଠି ଆତ୍ମସାତ କରିବା ଓ ମନି ଲଣ୍ଡରିଂ ମାମଲା ବୋଲି ଜଣାପଡ଼ିଛି । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଅଭିଯୋଗ କରିଛି ଯେ, ତୃଣମୂଳ କଂଗ୍ରେସ ନିଜର ବ୍ୟାଙ୍କ ଆକାଉଣ୍ଟରୁ କେୟରୱେଲ ଏଭିଏସନ୍ ନାମକ ଏକ ଚାର୍ଟର୍ଡ ବିମାନ କମ୍ପାନିକୁ କୋଟି କୋଟି ଟଙ୍କା ଟ୍ରାନ୍ସଫର କରିଥିଲା । ଏହି ବିପୁଳ ଅର୍ଥରାଶି ମାଧ୍ୟମରେ ଏକ ନୂଆ ବିମାନ ଓ ହେଲିକପ୍ଟର କିଣାଯାଇଥିଲା । ତେବେ ଆ।ଶ୍ଚର୍ଯ୍ୟ କରିବା କଥା ହେଉଛି ଯେ, ଏହି ବିମାନଗୁଡ଼ିକ କିଣିବା ପରେ, ସେଗୁଡ଼ିକୁ ପୁଣି ଥରେ ଟିଏମସିର ବରିଷ୍ଠ ନେତା ବିଶେଷକରି ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଭଳି ଭିଭିଆଇପିମାନଙ୍କ ବିମାନ ଯାତ୍ରା ପାଇଁ ସେହି କମ୍ପାନୀରୁ ନିଜ ବିମାନକୁ ଭଡ଼ା ନିଆଯାଇଥିଲା ଓ ବଦଳରେ ଦଳୀୟ ପାଣ୍ଠିରୁ ପୁଣି ଥରେ କୋଟି କୋଟି ଟଙ୍କା ଦିଆଯାଇଥିଲା । ଇଡି ସନ୍ଦେହ କରୁଛି ଯେ ଏହି ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ର ଦଳୀୟ ପାଣ୍ଠିର ଦୁରୁପଯୋଗ ଓ ଆତ୍ମସାତ କରିବା ଉଦ୍ଦେଶ୍ୟରେ ରଚିତ ହୋଇଥିଲା। ଏହି ଆର୍ଥିକ ଠକେଇର ସୁରାକ ମିଳିବା ପରେ ଇଡି କୋଲକାତା ଓ ଏହାର ଆଖପାଖରେ ପାଞ୍ଚଟି ପ୍ରମୁଖ ସ୍ଥାନରେ ଏକକାଳୀନ ଚଡ଼ଉ କରିଥିଲା । ଚଢାଉରେ ଚାର୍ଟର ବିମାନର ମୁଖ୍ୟ କାର୍ଯ୍ୟାଳୟ, ଏହାର ପ୍ରମୋଟରଙ୍କ ବ୍ୟକ୍ତିଗତ ବାସଭବନ, ନ୍ୟୁ ଟାଉନସ୍ଥିତ ଏକ ସ୍ଥାନ, ଏକ ସନ୍ଦିଗ୍ଧ ଟ୍ରଷ୍ଟର କାର୍ଯ୍ୟାଳୟ ଓ କେନ୍ଦ୍ରୀୟ କୋଲକାତାରେ କାର୍ଯ୍ୟ କରୁଥିବା ଏକ ଚାର୍ଟର୍ଡ ଆକାଉଣ୍ଟାଣ୍ଟ (ସିଏ)ଙ୍କ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ଥିଲା । ଚଢାଉ ସମୟରେ ତଦନ୍ତକାରୀ ଅଧିକାରୀମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟାଙ୍କ ଡକ୍ୟୁମେଣ୍ଟ, ହାର୍ଡ ଡିସ୍କ ଓ ଡିଜିଟାଲ୍ ଉପକରଣ ଜବତ କରିଥିଲେ । ଇଡିର ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏପ୍ରିଲ ୨୦୨୩ରୁ ଜୁନ ୨୦୨୬ ମଧ୍ୟରେ, ଟିଏମସିର ଆକାଉଣ୍ଟରୁ ୧୬୦ କୋଟି ଟଙ୍କା ସିଧାସଳଖ କେୟାରୱେଲ ଆଭିଏସନକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଟଙ୍କା ତା'ପରେ ସେଲ୍ କମ୍ପାନୀଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିଲା। କେୟାରୱେଲ ଏକ ନୂତନ ଭାବରେ ଗଠିତ କମ୍ପାନୀର ଆକାଉଣ୍ଟକୁ ୮୨.୯୬ କୋଟି ଟଙ୍କା ଟ୍ରାନ୍ସଫର କରିଥିଲା । ପରେ ୧୧୨ କୋଟି ଟଙ୍କା ଖର୍ଚ୍ଚ କରି ଏକ ଏମ୍ବ୍ରାଏର୍ ଲିଗାସି ଜେଟ୍ ୬୦୦ ଓ ଏକ ୱେଷ୍ଟଲ୍ୟାଣ୍ଡ ୧୦୯ ଏସ୍ପି ହେଲିକପ୍ଟର କିଣା ଯାଇଥିଲା । କୁହାଯାଉଛି ଯେ, ଏହି ଅଗଷ୍ଟା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର କିଣିବା ପାଇଁ ବିଦେଶୀ ପାଣ୍ଠି ନିୟମର ଉଲ୍ଲଂଘନ କରି ୨୦୨୩ ମସିହାରେ ଟିକସ ଭୂସ୍ୱର୍ଗ ଭାବରେ ବିବେଚିତ କେମ୍ୟାନ୍ ଦ୍ୱୀପର ଏକ ବିଦେଶୀ କମ୍ପାନିଠାରୁ ଋଣ ମଧ୍ୟ ନିଆଯାଇଥିଲା । ଦଳୀୟ ପାଣ୍ଠିରୁ ଏହି ଏମ୍ବ୍ରାଏର ୬୦୦ ବିମାନ ଓ ଅଗଷ୍ଟା ହେଲିକପ୍ଟର କିଣାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଟିଏମସିକୁ ଭଡା ଦିଆଯାଇଥିଲା। ଏହି ଆଳରେ ପର୍ଯ୍ୟାପ୍ତ ପରିମାଣର ପାଣ୍ଠି ସ୍ଥାନାନ୍ତର କରାଯାଇଥିଲା। ତେବେ ତୃଣମୂଳ କଂଗ୍ରେସ ଅଭିଯୋଗ କରିଛି ଯେ, ବିଜେପି ବିରୋଧୀଙ୍କୁ ଟାର୍ଗେଟ କରିବାକୁ ତଦନ୍ତକାରୀ ସଂସ୍ଥାକୁ ବ୍ୟବହାର କରୁଛି। ଦଳ 'ଏକ୍ସ'ରେ ଏକ ପୋଷ୍ଟ କରି ଦାବି କରିଛି ଯେ, ଏହାର ଆକାଉଣ୍ଟରେ ଥିବା ସମସ୍ତ ପାଣ୍ଠି ସ୍ୱଚ୍ଛ ଭାବରେ ପ୍ରକାଶ କରାଯାଇଥିଲା। ଟିଏମ୍ସିର ବିଦ୍ରୋହୀ ବିଧାୟକ ବିଶ୍ୱନାଥ ଦାସ ବିଧାନନଗର ପୁଲିସ ଷ୍ଟେସନରେ କରିଥିବା ଏତଲା ଆଧାରରେ ଏହି ତଦନ୍ତ ଚାଲିଛି । ଇଡି ଟିଏମସିର ୪୪୦ କୋଟି ଟଙ୍କା ଜମା ରଖିଥିବା ତିନୋଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଜବତ କରିଛି ।



## ଡୋରଭେରୀ ୨୦୨୬ - ୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଚମତ୍କାର ଅଭିବୃଦ୍ଧି ହାସଲକରି ୫୧.୧୨ କୋଟି ଟଙ୍କାର ବାର୍ଷିକ ଆବର୍ତ୍ତିତ ଆୟ (ଏଆରଆର) ହାସଲ

**ନୂଆଦିଲ୍ଲୀ,୯।୭ (ନି.ପ୍ର) :** ଉଦୀୟମାନ ବିଟୁବିଗ୍ରୋସରିଡେଲିଭରି ପ୍ଲାଟଫର୍ମ 'ଡୋରଭେରୀ' ୨୦୨୬ - ୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ନିଜର ଉଲ୍ଲେଖନୀୟ ବ୍ୟବସାୟିକ ସଫଳତାର ଘୋଷଣା କରିଛି। କମ୍ପାନୀ ପ୍ରତିମାସ ୩୦-୪୦ ପ୍ରତିଶତରାଜସ୍ୱ ଅଭିବୃଦ୍ଧି ହାସଲ କରିଥିବା ବେଳେ କାର୍ଯ୍ୟାରମ୍ଭର ପ୍ରଥମ ଦିନରୁହିଁ ଲା ଭଜନ କରହିଆସିଛି। ଏହ ସଫଳତା ସହ ଡୋରଭେରୀ ବିଟୁବି ଗ୍ରୋସରି କ୍ରୟ ଓ ଯୋଗାଣ କ୍ଷେତ୍ରରେ ନୂଆମାନଦଣ୍ଡ ସ୍ଥାପନ କରୁଛି। ୨୦୨୬ - ୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ୫୧.୧୨ କୋଟି ଟଙ୍କାର ବାର୍ଷିକ ଆବର୍ତ୍ତିତ ଆୟ (ଏଆରଆର) ହାସଲ।



ପ୍ରତିମାସ ୩୦-୪୦ ପ୍ରତିଶତର ସ୍ଥିର ରାଜସ୍ୱ ଅଭିବୃଦ୍ଧି। କାର୍ଯ୍ୟାରମ୍ଭର ପ୍ରଥମ ଦିନରୁଲାଭଜନକବ୍ୟବସାୟ। ସାରାଦେଶରଖୁଚୁରାବ୍ୟବସାୟୀ, ପାଇକାରିବ୍ୟବସାୟୀ, ହୋଟେଲ ଓ ରେଷ୍ଟୁରାଣ୍ଟ ସମେତ ବିଭିନ୍ନ ଗ୍ରାହକଙ୍କୁ ସେବା ପ୍ରଦାନ।

ଏହି ଅବସରରେ ଡୋରଭେରୀର ନିର୍ଦ୍ଦେଶକଜି. ସୂର୍ଯ୍ୟନାରାୟଣ ପାତ୍ରକହିଛନ୍ତି, '୨୦୨୬ ବର୍ଷର ପ୍ରଥମ ତ୍ରୟମାସ ମଧ୍ୟରେ ୫୧.୧୨ କୋଟି ଟଙ୍କାର ଏଆରଆର ହାସଲ କରିବା ଆମ ଗ୍ରାହକଙ୍କ ବିଶ୍ୱାସ ଓ ଆମ ଦଳର ନିଷ୍ଠାର ପ୍ରତିଫଳନ। ଦ୍ରୁତ ଅଭିବୃଦ୍ଧି ସତ୍ତ୍ୱେ ଆମର ମୂଳ ଲକ୍ଷ୍ୟ ହେଉଛି କାର୍ଯ୍ୟକୁଶଳତା, ପ୍ରଯୁକ୍ତି-ଭିତ୍ତିକ ନବସୃଜନ ଓ ଗ୍ରାହକ-କେନ୍ଦ୍ରିତ ସମାଧାନ ମାଧ୍ୟମରେ ଦୀର୍ଘମିଆଦୀ ମୂଲ୍ୟ ସୃଷ୍ଟି କରିବା। ଭାରତର ବିଟୁବିଗ୍ରୋସରି କ୍ଷେତ୍ର ଡିଜିଟାଲ ପରିବର୍ତ୍ତନର ଏକ ନୂଆ ପର୍ଯ୍ୟାୟକୁ ପ୍ରବେଶ କରୁଛି ଏବଂ ଡୋରଭେରୀ ଦେଶବ୍ୟାପୀ ବ୍ୟବସାୟ ଗୁଡ଼ିକୁ ଅଧିକ ସ୍ମାର୍ଟ, ଦ୍ରୁତ ଓ ବିଶ୍ୱସନୀୟକ୍ରୟ ଅନୁଭୂତି ପ୍ରଦାନ କରିଏହି ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରସ୍ତୁତ।

## ଭାରତର ଅଧାରୁ ଅଧିକ ନୂଆ କ୍ରେଡିଟ୍ କାର୍ଡ ଗ୍ରାହକଙ୍କ ବୟସ ୩୦ ବର୍ଷରୁ କମ୍

# ମେଟ୍ରୋ ସହର ବାହାରେ ବଢ଼ୁଛି କ୍ରେଡିଟ୍ କାର୍ଡ: ଟ୍ରାନ୍ସୟୁନିଅନ୍ ସିବିଲ୍

**ଭୁବନେଶ୍ୱର, ୯।୭ (ନି.ପ୍ର):** ଦେଶରେ କ୍ରେଡିଟ୍ କାର୍ଡ ବ୍ୟବହାରରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳୁଛି। ପ୍ରଥମ ଥର ପାଇଁ କ୍ରେଡିଟ୍ କାର୍ଡ ନେଉଥିବା (ଏନଟିସିସି) ଗ୍ରାହକଙ୍କ ମଧ୍ୟରୁ ୫୦ ପ୍ରତିଶତଙ୍କ ବୟସ ୩୦ ବର୍ଷ କିମ୍ବା ତା'ଠାରୁ କମ୍ ରହିଛି। ସେଥିରୁ ୪୬ ପ୍ରତିଶତ ଅର୍ଦ୍ଧ-ସହରାଚଂଳ ଓ ଗ୍ରାମାଚଂଳର ବାସିନ୍ଦା। ଟ୍ରାନ୍ସୟୁନିଅନ୍ ସିବିଲ୍ ପକ୍ଷରୁ ପ୍ରକାଶିତ 'ବିୟଣ୍ଡ ଦ ସ୍ୱାଇପ୍ ୨୦୨୬: ହାଓ ଇଣ୍ଡିଆ ୟୁଜେସ୍ କାର୍ଡ ଆଜ୍ ଏ କ୍ରେଡିଟ୍ ଇନ୍ଷ୍ଟ୍ରୁମେଂଟ' ଶୀର୍ଷକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି।

ରିପୋର୍ଟ ଅନୁଯାୟୀ ୨୦୨୨ ମାର୍ଚ୍ଚରେ ୪୩ ପ୍ରତିଶତ ଥିବା ୩୦ ବର୍ଷରୁ କମ୍ ବୟସର ଏନଟିସିସି ଗ୍ରାହକଙ୍କ ସଂଖ୍ୟା ୨୦୨୬ ମାର୍ଚ୍ଚ ସୁଦ୍ଧା ୫୦ ପ୍ରତିଶତରେ ପହଂଚିଛି। ସେହିପରି ଅର୍ଦ୍ଧ-ସହରାଚଂଳ ଓ ଗ୍ରାମାଚଂଳରୁ ନୂଆ କାର୍ଡଧାରୀଙ୍କ ଅଂଶ ୪୨ ପ୍ରତିଶତରୁ ବଢ଼ି ୪୬ ପ୍ରତିଶତ ହୋଇଛି। ଏହା ଦର୍ଶାଉଛି ଯେ କ୍ରେଡିଟ୍ କାର୍ଡର ପହଂଚ ବର୍ତ୍ତମାନ ବଡ଼ ସହର ବାହାରକୁ ମଧ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି।

ଗତ ଦଶ ବର୍ଷ ମଧ୍ୟରେ ଦେଶର କ୍ରେଡିଟ୍ କାର୍ଡ ବଜାରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି। ୨୦୧୬ ମାର୍ଚ୍ଚରେ ୧.୪ କୋଟି କ୍ରେଡିଟ୍ କାର୍ଡ ଗ୍ରାହକ ଥିବାବେଳେ ୨୦୨୬ ମାର୍ଚ୍ଚ ସୁଦ୍ଧା ଏହା ୫.୨ କୋଟିରେ ପହଂଚିଛି, ଅର୍ଥାତ୍ ତାହା ୩.୬ ଗୁଣ ବୃଦ୍ଧି ପାଇଛି। ସେହିପରି ବକେୟା କ୍ରେଡିଟ୍ କାର୍ଡ ରାଶି ୦.୪ ଲକ୍ଷ କୋଟି ଟଙ୍କାରୁ ବଢ଼ି ୩.୧ ଲକ୍ଷ କୋଟି ଟଙ୍କାରେ ପହଂଚି ୮.୩ ଗୁଣ ବୃଦ୍ଧି ପାଇଛି। ସକ୍ରିୟ କ୍ରେଡିଟ୍ କାର୍ଡ ସଂଖ୍ୟା ୨.୧ କୋଟିରୁ ବଢ଼ି ୧୦.୭ କୋଟିରେ ପହଂଚିଛି। ଗ୍ରାହକ ପିଛା ହାରାହାରି ବକେୟା ରାଶି ମଧ ୩୧ ହଜାର ଟଙ୍କାରୁ ବଢ଼ି ୬୫ ହଜାର ଟଙ୍କା ହୋଇଛି।

ରିପୋର୍ଟରେ କୁହାଯାଇଛି ଯେ ୨୫ ପ୍ରତିଶତ ନୂଆ କ୍ରେଡିଟ୍ କାର୍ଡଧାରୀଙ୍କ ପାଖରେ ପ୍ରଥମ କାର୍ଡ ନେବା ପୂର୍ବରୁ ତିନି କିମ୍ବା ତା'ଠାରୁ ଅଧିକ ସକ୍ରିୟ ଋଣ ସୁବିଧା ଥିଲା। ଅର୍ଥାତ୍ ବର୍ତ୍ତମାନ ଅନେକ ଗ୍ରାହକଙ୍କ ପାଇଁ କ୍ରେଡିଟ୍ କାର୍ଡ ପ୍ରଥମ ଋଣ ଉତ୍ପାଦ ନୁହେଁ, ବରଂ ସେମାନଙ୍କ ପୂର୍ବରୁ ଥିବା କ୍ରେଡିଟ୍ ପୋର୍ଟଫୋଲିଓର ଏକ ଅଂଶ।

ଭାରତରେ ଋଣ ସକ୍ରିୟ ଗ୍ରାହକଙ୍କ ମଧ୍ୟରେ କ୍ରେଡିଟ୍ କାର୍ଡ ପହଂଚ ଏବେ ମାତ୍ର ୨୫ ପ୍ରତିଶତ ରହିଛି ଯାହା ବ୍ରିଟେନ୍ (୭୦%), କଲମ୍ବିଆ (୬୨%) ଓ ହଂକଂ (୯୮%) ତୁଳନାରେ ବହୁତ କମ୍। ଏହା ଭାରତରେ କ୍ରେଡିଟ୍ କାର୍ଡ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧିର ସୁଯୋଗ ଥିବାକୁ ସୂଚିତ କରୁଛି।

ଟ୍ରାନ୍ସୟୁନିଅନ୍ ସିବିଲ୍ର ଏମ୍‌ଡି ଓ ସିଇଓ ଭବେଶ ଜୈନ୍ କହିଛନ୍ତି ଯେ 'ଗତ ଦଶ ବର୍ଷ ମଧ୍ୟରେ ଭାରତର କ୍ରେଡିଟ୍ କାର୍ଡ ବଜାରରେ ହୋଇଥିବା ଅଭିବୃଦ୍ଧି ସହ ଗ୍ରାହକଙ୍କ ଋଣ ପୋର୍ଟଫୋଲିଓ ମଧ ଅଧିକ ବିବିଧ ଓ ସକ୍ରିୟ ହୋଇଛି। ଏବେ ଅନେକ ଗ୍ରାହକ କ୍ରେଡିଟ୍ କାର୍ଡ ସହ ଛୋଟ ବ୍ୟକ୍ତିଗତ ଋଣ, କନ୍ଜ୍ୟୁମର ଡ୍ୟୁରେବଲ୍ ଋଣ ଓ ଅନ୍ୟାନ୍ୟ ସ୍ୱଳ୍ପ ମିଆଦୀ ଋଣ ଉତ୍ପାଦ ବ୍ୟବହାର କରୁଛନ୍ତି। ଏହା ଗ୍ରାହକଙ୍କ ଔପଚାରିକ ଋଣ ବ୍ୟବସ୍ଥାର ବିସ୍ତାରକୁ ଦର୍ଶାଉଛି। ତେବେ ଏହି ଅଭିବୃଦ୍ଧି ଯେପରି ଋଣ ପରିଶୋଧ କ୍ଷମତା ଓ ଆର୍ଥିକ ଶୃଙ୍ଖଳା ସହ ସମନ୍ୱୟ ରଖିବ ସେଥିପାଇଁ ସମସ୍ତଙ୍କ ଦାୟିତ୍ୱ ବଢ଼ିଛି।'

ରିପୋର୍ଟରେ ଆହୁରି କୁହାଯାଇଛି ଯେ ୨୦୧୬ରେ କେବଳ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା ଗ୍ରାହକଙ୍କ ଅଂଶ ୫୦ ପ୍ରତିଶତ ଥିବାବେଳେ ୨୦୨୬ରେ ଏହା ୩୩ ପ୍ରତିଶତକୁ ହ୍ରାସ ପାଇଛି। ଅନ୍ୟପକ୍ଷରେ କ୍ରେଡିଟ୍ କାର୍ଡ ସହ ଅନ୍ୟ ଉପଭୋକ୍ତା ଋଣ ବ୍ୟବହାର କରୁଥିବା ଗ୍ରାହକଙ୍କ ଅଂଶ ୧୬ ପ୍ରତିଶତରୁ ବଢ଼ି ୩୨ ପ୍ରତିଶତ ହୋଇଛି। ତିନି କିମ୍ବା ତା'ଠାରୁ ଅଧିକ କ୍ରେଡିଟ୍ କାର୍ଡ ରଖିଥିବା ଗ୍ରାହକଙ୍କ ଅଂଶ ମଧ ୧୨ ପ୍ରତିଶତରୁ ବଢ଼ି ୨୨ ପ୍ରତିଶତରେ ପହଂଚିଛି।

ଯୁବପିଢ଼ିଙ୍କ ମଧ୍ୟରେ କ୍ରେଡିଟ୍ ବ୍ୟବହାରର ପ୍ରବଣତା ଦ୍ରୁତ ଗତିରେ ବଢ଼ୁଥିବା ରିପୋର୍ଟରେ ସ୍ପଷ୍ଟ ହୋଇଛି। ୨୦୨୪ରେ ପ୍ରଥମ କ୍ରେଡିଟ୍ କାର୍ଡ ନେଇଥିବା ୨୪ରୁ ୩୦ ବର୍ଷ ବୟସର ୩୧ ପ୍ରତିଶତ ଜେନଜି ଗ୍ରାହକଙ୍କ ପାଖରେ ପୂର୍ବରୁ ଦୁଇ କିମ୍ବା ତା'ଠାରୁ ଅଧିକ ଋଣ ଆକାଉଂଟ ଥିଲା। ପ୍ରଥମ ତିନି ମାସରେ ୨୮ ପ୍ରତିଶତ ଜେନଜି ଗ୍ରାହକଙ୍କ ବକେୟା ରାଶି ୨୫ ହଜାର ଟଙ୍କାରୁ ଅଧିକ ଥିଲା। ଏଥିସହ ୬୯ ପ୍ରତିଶତ ଜେନଜି ଗ୍ରାହକ ପ୍ରଥମ କାର୍ଡ ପାଇବାର ଏକ ବର୍ଷ ମଧ୍ୟରେ ଆଉ ଏକ ନୂଆ ଋଣ ଉତ୍ପାଦ ଗ୍ରହଣ କରିଥିଲେ।

ଭବେଶ ଜୈନ୍ କହିଛନ୍ତି ଯେ, 'ପ୍ରଥମ କ୍ରେଡିଟ୍ କାର୍ଡର ଭୂମିକା ଏବେ ବଦଳୁଛି। ବହୁ ନୂଆ ଗ୍ରାହକ ପୂର୍ବରୁ ଅନ୍ୟ ଋଣ ଉତ୍ପାଦ ବ୍ୟବହାର କରିସାରିବା ପରେ କ୍ରେଡିଟ୍ କାର୍ଡ ନେଉଛନ୍ତି। ବିଶେଷକରି ଜେନଜି ଗ୍ରାହକମାନେ ଖୁବଶୀଘ୍ର ନୂଆ ଋଣ ଉତ୍ପାଦ ଗ୍ରହଣ କରୁଛନ୍ତି ଏବଂ ପ୍ରଥମ କାର୍ଡ ପ୍ରଦାନକାରୀଙ୍କ ସହ ଅଧିକ ସମ୍ପର୍କ ଗଢ଼ୁଛନ୍ତି। ଋଣଦାତାଙ୍କ ପାଇଁ କେବଳ ପ୍ରଥମ କାର୍ଡ ଦେବା ନୁହେଁ, ବରଂ ଗ୍ରାହକଙ୍କ ବିଶ୍ୱାସ ହାସଲ କରି ଦୀର୍ଘମିଆଦୀ ସମ୍ପର୍କ ଗଢ଼ିବା ହିଁ ଆଗାମୀ ଦିନର ସଫଳତାର ମୂଳ ଚାବିକାଠି ହେବ।'

## ଜେନେରାଲି ସେଣ୍ଟ୍ରାଲ୍ ଲାଇଫ୍ ଇନସ୍ୟୁରାନ୍ସ ସୁରକ୍ଷିତ ଅବସର ସଞ୍ଚୟ ପାଇଁ ସୁନେହରା ପେନସନ୍ ଯୋଜନାର ଶୁଭାରମ୍ଭ

**ମୁମ୍ବାଇ, ୯।୭ (ନି.ପ୍ର) :** ଜେନେରାଲି ସେଣ୍ଟ୍ରାଲ୍ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ (ଜିସିଏଲ୍ଆଇସିଏଲ୍), ଏକ ଘରୋଇ ଅଗ୍ରଣୀ ଜୀବନ ବୀମା କମ୍ପାନୀ, ସୁନେହରା ପେନ୍ସନ୍ ଯୋଜନା ଆରମ୍ଭ କରିଛି। ଏହା ଏକ ଅଂଶଗ୍ରହଣକାରୀ (ପିଏଆର), ଅନ-ଲିଙ୍କ୍ଡ୍, ପେନ୍ସନ୍, ସଞ୍ଚୟ-ମୁଖୀ ଜୀବନ ବୀମା ଯୋଜନା ଯାହା ପଲିସିଧାରକମାନଙ୍କୁ ସେମାନଙ୍କର ଭବିଷ୍ୟତ ଆର୍ଥିକ ସୁରକ୍ଷା ପାଇଁ ଏକ ଅବସର କର୍ପସ ଗଠନ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାର ମୂଳ ବୀମା ଲାଭ ବ୍ୟତୀତ, ଏହି ଯୋଜନା ମାଗଣା ସୁସ୍ଥତା ସେବା ମଧ ପ୍ରଦାନ କରେ, ଯାହା ଏହାର ପଲିସିଧାରକମାନଙ୍କୁ ସାମଗ୍ରିକ ମୂଲ୍ୟ ପ୍ରଦାନ କରିବା ପାଇଁ ଜେନେରାଲି ସେଣ୍ଟ୍ରାଲ୍ ଲାଇଫ୍ ଇନସ୍ୟୁରାନ୍ସର ପ୍ରତିବଦ୍ଧତାକୁ ସୁଦୃଢ଼ କରେ।

ଜେନେରାଲି ସେଣ୍ଟ୍ରାଲ୍ ଲାଇଫ୍ ଇନସ୍ୟୁରାନ୍ସ ହେଉଛି ବିଶ୍ୱ ବୀମା କ୍ଷେତ୍ରରେ ଅଗ୍ରଣୀ ଜେନେରାଲି ଏବଂ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ଏକ ମିଳିତ ଉଦ୍ୟୋଗ, ଯାହା ସ୍ଥାନୀୟ ବ୍ୟାଙ୍କିଂ ଐତିହ୍ୟ ସହିତ ଆନ୍ତର୍ଜାତୀୟ ବିଶେଷଜ୍ଞତାକୁ ମିଶ୍ରଣ କରିଥାଏ। ୨୦୫୦ ସୁଦ୍ଧା, ଭାରତର ବୟସ୍କ ଜନସଂଖ୍ୟା ୨୦୨୨ ରେ ୧୦.୫% ରୁ ପ୍ରାୟ ଦ୍ୱିଗୁଣିତ ହୋଇ ପ୍ରାୟ ୨୦.୮% (୧) ହୋଇଯିବ ବୋଲି ଆଶା କରାଯାଉଛି। ସେହି ସମୟରେ, ପେନସନ ସମ୍ପତ୍ତି ବିକଶିତ ବଜାରରେ ଯ୮୦% ତୁଳନାରେ ଜିଡିପିର ମାତ୍ର ୧୭% ରେ କମ୍ ରହିଛି (୨), ଯାହା ଦୃଢ଼ ଅବସର ପ୍ରସ୍ତୁତିର ଜରୁରୀ ଆବଶ୍ୟକତାକୁ ସ୍ପଷ୍ଟ କରେ। ଏହି ଉଦୀୟମାନ ବାସ୍ତବତାକୁ ସ୍ୱୀକାର କରି, ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସର ସୁନେହରା ପେନସନ ଯୋଜନା ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଅବସର ପାଇଁ ଅଧିକ ପ୍ରଭାବଶାଳୀ ଯୋଜନା କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ସେମାନଙ୍କୁ ବ୍ୟବସ୍ଥିତ ଭାବରେ ଏକ କର୍ପସ ଗଠନ କରିବାକୁ ଏବଂ ସେମାନଙ୍କର ଅବସର ପରବର୍ତ୍ତୀ ବର୍ଷଗୁଡ଼ିକରେ ଦୀର୍ଘକାଳୀନ ଆର୍ଥିକ ସ୍ଥିରତା ସୁରକ୍ଷିତ କରିବାକୁ ସକ୍ଷମ କରିଥାଏ। ଏକ ପିଏଆର ଯୋଜନା ଭାବରେ, ସୁନେହରା ପେନସନ ଯୋଜନା ଅଧୀନରେ ବୋନସ ପ୍ରଥମ ପଲିସି ବର୍ଷରୁ ଜମା ହେବା ଆରମ୍ଭ ହୁଏ, ଯାହା ପଲିସିଧାରକମାନଙ୍କୁ କମ୍ପାଉଣ୍ଡିଂରୁ ଲାଭ ପାଇବା ପାଇଁ ଏକ ଲମ୍ବା ରନୱେ ପ୍ରଦାନ କରେ। ଏହି ଯୋଜନା ୫ ରୁ ୪୦ ବର୍ଷ ପର୍ଯ୍ୟନ୍ତ ପଲିସି ଅବଧି ବାଛିବା ପାଇଁ ନମନୀୟତା ପ୍ରଦାନ କରେ, ଏହାକୁ ଜୀବନ ପର୍ଯ୍ୟାୟରେ ବ୍ୟକ୍ତିବିଶେଷଙ୍କ ପାଇଁ ଉପଯୁକ୍ତ କରିଥାଏ, ମୃତ୍ୟୁ କିମ୍ବା ଭେଷ୍ଟିଂ ଉପରେ ନିଶ୍ଚିତ ଲାଭ ସହିତ। ଏହା ଆର୍ଥିକ ଜରୁରୀକାଳୀନ ପରିସ୍ଥିତିରେ ଆଂଶିକ ଉଠାଣ ମାଧ୍ୟମରେ ତରଳତା, ପଲିସି ଅବଧି ମଧ୍ୟରେ ଏକକ ଦେୟ, ସୀମିତ ଦେୟ, କିମ୍ବା ନିୟମିତ ଦେୟ ସମେତ ବହୁବିଧ ପ୍ରିମିୟମ୍ ପେମେଣ୍ଟ ବିକଳ୍ପ ଏବଂ ଇଚ୍ଛାଧୀନ ରାଇଡର୍ସ ମାଧ୍ୟମରେ ସୁରକ୍ଷା ବୃଦ୍ଧି କରିବାର କ୍ଷମତା ପ୍ରଦାନ କରେ, ଯାହା ଏକ ବ୍ୟାପକ ଏବଂ ଅନୁକୂଳିତ ଅବସର ଯୋଜନା ସମାଧାନକୁ ସକ୍ଷମ କରିଥାଏ।

ଏହି ଯୋଜନା ଦୁଇଟି ପରିସ୍ଥିତିରେ ଗ୍ୟାରେଣ୍ଟି ଲାଭ ପ୍ରଦାନ କରେ। ଯଦି ପଲିସିଧାରକ ପଲିସି ଅବଧି ଶେଷ ପର୍ଯ୍ୟନ୍ତ ବଞ୍ଚି ରହନ୍ତି, ତେବେ ସେମାନେ ଏକ ଭେଷ୍ଟିଂ ପେଆଉଟ୍ ପାଆନ୍ତି, ଯାହା ଭେଷ୍ଟିଂ ଉପରେ ନିଶ୍ଚିତ ରାଶି (ଯେକୌଣସି ସଂଗୃହିତ ବୋନସ ସହିତ) ର ଅଧିକ କିମ୍ବା ଦେୟ କରାଯାଇଥିବା ମୋଟ ପ୍ରିମିୟମ୍ ର ୧୦୫%, ଅବସର ଆୟ ପାଇଁ ଏକ ଦୃଢ଼ ଆଧାର ଗଠନ କରେ। ଅବଧି ମଧ୍ୟରେ ପଲିସିଧାରୀଙ୍କ ମୃତ୍ୟୁର ଦୁର୍ଭାଗ୍ୟଜନକ ଘଟଣାରେ, ନାମିତ ବ୍ୟକ୍ତି ମୃତ୍ୟୁ ସମୟରେ ନିଶ୍ଚିତ ଲାଭ (ସହିତ ଯେକୌଣସି ସଂଗୃହିତ ବୋନସ) କିମ୍ବା ମୋଟ ଦେୟ ପ୍ରିମିୟମର ୧୦୫% ପାଇବାକୁ ହକଦାର। ଭେଷ୍ଟିଂ, ଆତ୍ମସମର୍ପଣ କିମ୍ବା ମୃତ୍ୟୁ ଦାବି କ୍ଷେତ୍ରରେ, ପେମେଣ୍ଟ କିଛି ଉପାୟରେ ବ୍ୟବହାର କରାଯାଇପାରିବ। ଗ୍ରାହକ ଜେନେରାଲି ସେଣ୍ଟ୍ରାଲ୍ ଲାଇଫ୍ ଇନ୍ସୁରାନ୍ସ କିମ୍ବା ଅନ୍ୟ ବୀମାକାରୀଙ୍କଠାରୁ ଏକ ବାର୍ଷିକୀ (ତାତ୍କାଳିକ କିମ୍ବା ସ୍ଥଗିତ) କିଣିପାରିବେ, ଏକକାଳୀନ ପରିମାଣର ଏକ ଅଂଶ ନେଇପାରିବେ ଏବଂ ନିୟମିତ ଆୟ ସୃଷ୍ଟି କରିବା ପାଇଁ ବାକି ପରିମାଣ ବ୍ୟବହାର କରିପାରିବେ, କିମ୍ବା, ମୃତ୍ୟୁ ଦାବି କ୍ଷେତ୍ରରେ, ସମ୍ପୂର୍ଣ୍ଣ ପରିମାଣକୁ ଏକକାଳୀନ ପରିମାଣରେ ପ୍ରତ୍ୟାହାର କରିପାରିବେ।

# ନଥିଂ ପକ୍ଷରୁ ଫୋନ (୪ବି) ଉନ୍ମୋଚିତ

**ଭୁବନେଶ୍ୱର, ୯।୭ (ନି.ପ୍ର):** ଲଣ୍ଡନର ଉପଭୋକ୍ତା ପ୍ରଯୁକ୍ତି କମ୍ପାନି ନଥିଂ ପକ୍ଷରୁ ବି ସିରିଜ ଅଧୀନରେ ପ୍ରଥମ ସ୍ମାର୍ଟଫୋନ ଫୋନ (୪ବି) ଉନ୍ମୋଚନ କରାଯାଇଛି। ଫୋନ (୪ମ) ସିରିଜର ସଫଳତା ଅନୁସାରେ ପ୍ରସ୍ତୁତ କରାଯାଇଥିବା ନୂଆ ସିରିଜ ଫୋନ (୪ବି)ରେ ନଥିଂର ସିଗ୍ନେଚର ଡିଜାଇନ ସହିତ ଶକ୍ତିଶାଳୀ ଦୈନନ୍ଦିନ ପ୍ରଦର୍ଶନ, ଇଂଟେଲିଜେଂଟ ସଫ୍ଟୱେର ଓ ଦାଘୀର୍କାଳୀନ ଭରସା ରହିଛି।

ଏଥିରେ ନଥିଂର ଗିଲଫ ଇଂଟରଫେସ, ବର୍ଗର ଅଗ୍ରଣୀ ସ୍ନାପଡ୍ରାଗନ ପ୍ରୋସେସର ପ୍ରଦର୍ଶନ, ବୃହତ୍ତ ବ୍ୟାଟେରି, ୫୦ ଏମପି ଓଆଇଏସ ମୁଖ୍ୟ କ୍ୟାମେରା, ୧୨୦ ହର୍ଜ ସୁପର ଆମୋଏଲଇଡି ଡିସପ୍ଲେ ଓ ନଥିଂ ଅପରେଟିଂ ସିଷ୍ଟମ ଓ ଆବଶ୍ୟକୀୟ ଏଆଇ ଟୁଲ ରହିଛି। ଏହି ଫୋନକୁ ଲୋକପ୍ରିୟ ଇକୋ-ପଲିକାର୍ବୋନେଟ ୟୁନିବଡି ଡିଜାଇନ ପ୍ରଦାନ କରାଯାଇଛି। ୨୦ଟି ଆଭ୍ୟନ୍ତରୀଣ ଡିଜାଇନ ମଧ୍ୟରୁ ଏହାକୁ ଚୟନ କରାଯାଇଛି ଯାହା ଦେଖିବାକୁ ସରଳ, ଆରାମଦାୟକ ଓ ଦୀର୍ଘସ୍ଥାୟୀ ଯାହା ନିଜର ସ୍ୱତନ୍ତ୍ର ପରଚୟ ସୃଷ୍ଟି କରିବ। ଏହାର ବଡି ଧୂଳିକଣା ଓ ଜଳ ପ୍ରତିରୋଧୀ। ଏହା କଳା, ଧଳା ଓ ନୀଳ ରଙ୍ଗରେ ଉପଲବ୍ଧ ହେବ। କମ୍ପାନି ପକ୍ଷରୁ ଏହାର ଟାଇଟଲ ପ୍ରାୟୋଜକ ରୟାଲ ଚ୍ୟାଲେର୍ସ ବେଙ୍ଗାଲୁରୁ (ଆରସିବି)କୁ ନଜରରେ ରଖି ଲିମିଟେଡ ଆରସିବି ଏଡିସନ ଉନ୍ମୋଚନ କରାଯାଇଛି। ଆରସିବି ବ୍ରାଣ୍ଡିଂ ହୋଇଥିବା ଏହି ଫୋନ୍ ବେଙ୍ଗାଲୁରୁରେ ଥିବା ନଥିଂର ଫ୍ଲାଗ୍ସିପ୍ ଷ୍ଟୋରରେ ଉପଲବ୍ଧ ହୋଇଛି। ନଥିଂ(୪ବି)ରେ ରହିଛି ୪୫ଟି ସ୍ୱତନ୍ତ୍ର ଭାବେ ନିୟନ୍ତ୍ରିତ ମିନି ଏଲ୍ଇଡି ଯାହାର ବ୍ରାଇଟ୍ନେସ୍ ୩୫୦୦ ନିଟ୍ ପର୍ଯ୍ୟନ୍ତ ରହିଛି। ଏହା ନୋଟିଫିକେସନ, ଚାର୍ଜିଂରେ ପ୍ରଗତି, ରେକର୍ଡିଂ ସୂଚନା ଆଦି ପ୍ରଦାନ କରୁଛି। ଏହି ଫୋନରେ ସ୍ନାପଡ୍ରାଗନ ୬ ଜେନ୍ ୪ କ୍ୱାଲକମର ସଦ୍ୟତମ ୪ଏନ୍ଏମ୍ ମୋବାଇଲ୍ ପ୍ରୋସେସର ରହିଛି। ଏହା ଉନ୍ନତ ପ୍ରଦର୍ଶନ, ଶକ୍ତି ମିତବ୍ୟୟିତା ଓ ଉନ୍ନତ ଏଆଇ ଦକ୍ଷତା ପ୍ରଦାନ କରୁଛି। ଏଥିରେ କ୍ୱାଲକମ୍ର ଷଷ୍ଠ ପିଢ଼ିର ଏଆଇ ଇନ ରହିଛି। ନୂଆ ଫୋନରେ



୬୦୦୦ ଏମ୍ଏଏଚ୍ ବ୍ୟାଟେରି ରହିଛି ଯାହା ଫୋନ୍ (୪ଏ) ପ୍ରୋଠାରୁ ୧୧ ପ୍ରତିଶତ ବଡ଼। ଭାରତୀୟ ପାଣିପାଗ ଓ ଫୋନ୍ ବ୍ୟବହାରକୁ ଦୃଷ୍ଟିରେ ରଖି ଏହି ବ୍ୟାଟେରି ପ୍ରସ୍ତୁତ କରାଯାଇଛି ଯାହା ୧୮ ଘଂଟା ପର୍ଯ୍ୟନ୍ତ ଚାଲିବ। ଏଥିରେ ଆଘାତ ପ୍ରତିରୋଧୀ ସୁରକ୍ଷିତ ସେଲ୍ ପ୍ରଯୁକ୍ତି ରହିଛି ଯାହା ୧୨୦୦ ଥର ଚାର୍ଜିଂରେ ମଧ ୯୦ ପ୍ରତିଶତ କ୍ଷମତା ବଜାୟ ରଖୁଛି। ୩୩ ୱାଟର ଫାଷ୍ଟ ଚାର୍ଜିଂ ୱାୟର ମଧ ଏଥିରେ ରହିଛି। ମାତ୍ର ୩୦ ମିନିଟରେ ତାହା ୫୦% ଓ ଏକ ଘଂଟାରେ ପୂରା ଚାର୍ଜ ହୋଇଯିବ। ଉତ୍ତାପ ପରିଚାଳନା ପାଇଁ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ଯେଉଁଥିପାଇଁ ଏହା ୨ ଡିଗ୍ରି ସେଲସିୟସରେ ମଧ କାମ କରିବ ଏବଂ ଏଥିରେ ଗେମିଂ ଓ ୪କେ ଭିଡିଓ ରେକର୍ଡିଂ ହୋଇପାରିବ। ଏହାର ୫୦ ଏମପି ଓଆଇଏସ ମୁଖ୍ୟ କ୍ୟାମେରା ସହିତ ୩୬୦ ଡିଗ୍ରି ପାରିପାର୍ଶ୍ୱିକ ଆଲୋକ ସେନସର, ୧୧୯ ଡିଗ୍ରି ଅଲଟ୍ରା ୱାଇଡ କ୍ୟାମେରା ରହିଛି। ଏଥିରେ ନଥିଂର ଟ୍ରୁ ଲେନ୍ସ ଇନ ୪ ମଧ ରହିଛି। ଏଥିରେ ୪କେ ଭିଡିଓ, ଓଆଇଏସ୍ ଓ ଡୁଆଲ୍ କ୍ୟାପ୍ଚର ସୁବିଧା ମଧ ରହିଛି। ଫୋନରେ ଫିଲ୍ଟର, ପ୍ରିସେଟ୍ ଓ କ୍ରିଏଟିଭ୍ ଟୁଲ୍ ଭଳି ସୁବିଧା ରହିଛି। ଫୋନ୍ର ୬.୭୭ ଇଂଚ ସୁପର ଆମୋଏଲଇଡି ଡିସପ୍ଲେ ଚମତ୍କାର ଅନୁଭବ ପ୍ରଦାନ କରୁଛି। ଅଡିଓ ପାଇଁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା ଥିବା ବେଳେ ଏଥିରେ ନଥିଂ ଓଏସ୍ ୪.୧ ରହିଛି ଯେଉଁଥିରେ ୩ ବର୍ଷ ପାଇଁ ଆଣ୍ଡ୍ରଏଡ ଅପଡେଟ୍ ଓ ୬ ବର୍ଷ ପାଇଁ ସିକ୍ୟୁରିଟି ପ୍ୟାଚ୍ ମିଳିବ। ଏଥିରେ ଚାଟଜିପିଟି, ଗୁଗୁଲ ଜେମିନି, ହେ ଗୁଗୁଲ, ସର୍କଲ ଟୁ ସର୍ଚ ଭଳି ଏଆଇ ସୁବିଧା ରହିଛି। ଚାରି ବର୍ଷ ପର୍ଯ୍ୟ' ଉନ୍ନତ ପ୍ରଦର୍ଶନ ପ୍ରତିଦିନ ଜାରି ରଖିବା ପାଇଁ ଏହି ଫୋନ ୬୮ଟି ଗୁଣାତ୍ମକ ନିୟନ୍ତ୍ରଣ ପ୍ରୋଟୋକଲ ଓ ୯୫,୦୦୦ରୁ ଅଧିକ ପରୀକ୍ଷା ଦେଇ ଗତି କରିଛି। ଏହାକୁ ୯୯ ପ୍ରତିଶତ ପ୍ଲାଷ୍ଟିକ ମୁକ୍ତ ପ୍ୟାକରେ ପ୍ରଦାନ କରାଯାଉଛି। ଏହା ୮ଜିବି+୧୨୮ ଜିବି ଓ ୮ ଜିବି+ ୨୫୬ ଜିବି ଭାରିଆଂଟରେ ଉପଲବ୍ଧ। ଫୋନ (୪ବି)ର ଆକର୍ଷଣୀୟ ମୂଲ୍ୟ ୨୯,୯୯୯ ଟଙ୍କାରୁ ଆରମ୍ଭ ହୋଇଛି। ସେଥିରେ ତତ୍କାଳ ବ୍ୟାଙ୍କ ରିହାତି ଓ ଏକ୍ସଚେ ବୋନସ ମଧ ମିଳୁଛି। ୨୦୨୬ ଜୁଲାଇ ୧୪ଠାରୁ ଏହି ଫୋନ ଫ୍ଲିପକାର୍ଟ, କ୍ରୋମା, ରିଲାଏନ୍ସ ଡିଜିଟାଲ ଓ ବିଜୟ ସେଲ୍ସରେ ଉପଲବ୍ଧ ହେବ।

## ଟୟୋଟା କିର୍ଲୋସ୍କର ମୋଟର ପଞ୍ଜିକରଣ ଜୁନ୍ ୨୦୨୬ ରେ ୩୧,୦୧୬ ୟୁନିଟ୍ ବିକ୍ରି

**ବାଙ୍ଗାଲୋର,୯।୭ (ନି.ପ୍ର)** ଟୟୋଟା କିର୍ଲୋସ୍କର ମୋଟର (TKM) ଆଜି ଜୁନ୍ ୨୦୨୬ ମାସ ପାଇଁ ୩୧,୦୧୬ ୟୁନିଟ୍ ସହିତ ଏହାର ବିକ୍ରୟ ପ୍ରଦର୍ଶନ ଘୋଷଣା କରିଛି, ଯାହା ଜୁନ୍ ୨୦୨୫ ରେ ବିକ୍ରି ହୋଇଥିବା ୨୮,୮୬୯ ୟୁନିଟ୍ ତୁଳନାରେ ୭% ଅଭିବୃଦ୍ଧି ପ୍ରତିଫଳିତ କରିଛି। ଏଥିରେ ଘରୋଇ ବଜାରରେ ବିକ୍ରି ହୋଇଥିବା ୨୮,୪୪୧ ୟୁନିଟ୍ ଏବଂ ୨୫୭୫ ୟୁନିଟ୍ ରପ୍ତାନି ହୋଇଛି। ବିକ୍ରୟ ପ୍ରଦର୍ଶନ ଉପରେ ମନ୍ତବ୍ୟ ଦେଇ ବିକ୍ରୟ-ସେବା-ବ୍ୟବହୃତ କାର ବ୍ୟବସାୟ, ଟୟୋଟା କିର୍ଲୋସ୍କର ମୋଟର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଶ୍ରୀ ସାବରୀ ମନୋହର କହିଛନ୍ତି, "ଜୁନ୍ ମାସରେ ବଜାରର ଗତି ଏବଂ ଗ୍ରାହକ-କେନ୍ଦ୍ରିକତା ଉପରେ ସ୍ପଷ୍ଟ ଧ୍ୟାନ ଦେଇ ଆମକୁ ଉତ୍ସାହିତ କରାଯାଇଛି।

ଉଚ୍ଚମାନର ଉତ୍ପାଦ, ମୂଲ୍ୟଯୁକ୍ତ ସେବା ତଥା ମାନସିକ ଶାନ୍ତି ପ୍ରଦାନ କରି ବଜାର ଉପସ୍ଥିତି ବୃଦ୍ଧି ଉପରେ ଆମର ଧ୍ୟାନ ଆଗାମୀ ମାସରେ ଅଭିବୃଦ୍ଧିର ପ୍ରମୁଖ ଡ୍ରାଇଭର ଭାବରେ କାର୍ଯ୍ୟ କରିବ।"

## ଭାରତ କ୍ଲାଉଡ୍ ପକ୍ଷରୁ ପ୍ରଥମ ବ୍ରାଣ୍ଡ୍ ମାସ୍କଟ୍ 'ବାଦଲ'ର ଶୁଭାରମ୍ଭ




**ଭୁବନେଶ୍ୱର, ୯।୭ (ନି.ପ୍ର) :** ଭାରତର ନିଜସ୍ୱ ସୋଭରେନ୍ ଏଆଇ କ୍ଲାଉଡ୍ ସେବା ପ୍ରଦାନକାରୀ ସଂସ୍ଥା 'ଭାରତକ୍ଲାଉଡ୍' ଆଜି ତା'ର ପ୍ରଥମ ବ୍ରାଣ୍ଡ୍ ମାସ୍କଟ୍ 'ବାଦଲ'ର ଶୁଭାରମ୍ଭ କରିଛି । ଏହା କମ୍ପାନୀର ସାରା ଭାରତରେ ଥିବା ବ୍ୟବସାୟ ଓ ବ୍ୟବହାରକାରୀଙ୍କ ପାଇଁ କ୍ଲାଉଡ୍ ଏବଂ ଏଆଇ ପ୍ରଯୁକ୍ତିବିଦ୍ୟାକୁ ଅଧିକ ସହଜ ଏବଂ ସୁଲଭ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି । ଭାରତକ୍ଲାଉଡ୍ ଏବେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ଷ୍ଟାର୍ଟ-ଅପ୍ ଏବଂ ସରକାରୀ ବ୍ୟବସ୍ଥାକୁ ନିଜର ସେବା ପ୍ରଦାନ କରୁଛି । ଏଭଳି କ୍ଷେତ୍ରରେ ଏହି ଜଟିଳ ପ୍ରଯୁକ୍ତିବିଦ୍ୟାକୁ ସାଧାରଣ ଲୋକଙ୍କ ପାଇଁ ସହଜ କରିବା ଏବଂ ଗ୍ରାହକଙ୍କ କ୍ଲାଉଡ୍ ଆପଣେଇବା ପ୍ରକ୍ରିୟାକୁ ସରଳ କରିବା ପାଇଁ 'ବାଦଲ'ର ଶୁଭାରମ୍ଭ କରାଯାଇଛି । ଭାରତକ୍ଲାଉଡ୍ର ସହ-ପ୍ରତିଷ୍ଠାତା ରାହୁଲ ଟାକାଲାପାଲୀ କହିଛନ୍ତି, 'ବାଦଲ' ମାଧ୍ୟମରେ ଆମେ ଭାରତକ୍ଲାଉଡ୍କୁ ଏକ ମାନବୀୟ ରୂପ ଦେଉଛୁ, ଯାହାଦ୍ୱାରା କ୍ଲାଉଡ୍ ଏବଂ ଏଆଇ ବିଷୟରେ ଆଲୋଚନା ଆହୁରି ମଜାଦାର, ସମସ୍ତଙ୍କୁ ସାମିଲ କଲାଭଳି ଏବଂ ସହଜ ହୋଇପାରିବ ।

ଭାରତକ୍ଲାଉଡ୍ର ସହ-ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଯୁକ୍ତି ଅଧିକାରୀ ପଦ୍ମା ରେଡ୍ଡୀ ସାମା କହିଛନ୍ତି, 'କେବଳ ଏକ ମାସ୍କଟ୍ ହେବା ବ୍ୟତୀତ, 'ବାଦଲ'ର ପରିଚୟ ହେଉଛି ଆମ ଗ୍ରାହକମାନଙ୍କ ସହ ଏକ ଗଭୀର ଆବେଗିକ ସମ୍ପର୍କ ଗଢ଼ିବା ଏବଂ ଭାରତର ସୋଭରେନ୍ ଏଆଇ-କ୍ଲାଉଡ୍ ସେବା ପ୍ରଦାନକାରୀ ଭାବେ ଆମର ପରିଚୟକୁ ଆହୁରି ମଜବୁତ କରିବା ପାଇଁ ଭାରତକ୍ଲାଉଡ୍ର ଏକ ପ୍ରୟାସ । ଏହି ଶୁଭାରମ୍ଭ ହେଉଛି ଭାରତକ୍ଲାଉଡ୍ର ଏକ ବ୍ୟାପକ ବ୍ରାଣ୍ଡ୍-ବିଲ୍ଡିଂ ଏବଂ ମାର୍କେଟିଂ ରଣନୀତିର ଅଂଶ, ଯେଉଁଥିରେ ଗ୍ରାହକଙ୍କ ସହ ଜଡ଼ିତ କାର୍ଯ୍ୟକ୍ରମ, ବି୨ବି ଆଉଟରିଚ, ଡିଜିଟାଲ୍ ଅଭିଯାନ ଏବଂ ସାଧାରଣ ଅନୁଭୂତି ସାମିଲ ରହିଛି । ଏହା ସହିତ କମ୍ପାନୀ ସାଧାରଣ ଗ୍ରାହକଙ୍କ ପର୍ଯ୍ୟନ୍ତ ନିଜର ପ୍ରୟାସକୁ ଦୃଢ଼ିଭୂତ କରିବାକୁ ଚାହୁଁଛି, କାରଣ କ୍ଲାଉଡ୍ ପ୍ରଯୁକ୍ତିବିଦ୍ୟା ବ୍ୟବସାୟିକ ପରିବେଶ ମଧ୍ୟରେ ସୀମିତ ନ ରହି ସବୁଠି ପ୍ରାସଙ୍ଗିକ ହେବାରେ ଲାଗିଛି ।

# ଗୌତମ ଆଦାନିଙ୍କ ଅଭିଯାନ ବନ୍ଦେ ଭାରତମ ପ୍ରତି ଦେଶବିଦେଶର ନବସୃଜନକାରୀଙ୍କ ଉତ୍ସାହ ପ୍ରଦର୍ଶନ

**ଭୁବନେଶ୍ୱର, ୯।୭ (ନି.ପ୍ର):** ଭାରତର ପରବର୍ତ୍ତୀ ପିଢ଼ିର ଉଦ୍ୟୋଗୀ, ନବୋନ୍ମେଷକ ଓ ପରିବର୍ତ୍ତନକାରୀଙ୍କୁ ଆବିଷ୍କାର, ପ୍ରୋତ୍ସାହିତ ଓ ସଶକ୍ତ କରିବା ପାଇଁ ଏକ ଦେଶବ୍ୟାପୀ ପ୍ରୟାସ ବନ୍ଦେ ଭାରତମ ଭାରତ ଓ ବାହାରେ ଥିବା ଆଶାୟୀ ନବସୃଜନକାରୀମାନଙ୍କଠାରୁ ବେଶ ଉତ୍ସାହଜନକ ପ୍ରତିକ୍ରିୟା ହାସଲ କରିଛି। ଗୌତମ ଆଦାନୀଙ୍କ ୬୪ତମ ଜନ୍ମଦିନ ଅବସରରେ ଆରମ୍ଭ ହୋଇଥିବା 'ବନ୍ଦେ ଭାରତମ' ଭାରତର ସମସ୍ତ ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଂଚଳରୁ ଆବେଦନ ଆକର୍ଷିତ କରିଛି। ଏହା ସହିତ ଆମେରିକା, ସଂଯୁକ୍ତ ଆରବ ଏମିରେଟ୍ସ, ବ୍ରିଟେନ ଓ କାନାଡା ସମେତ ଏକାଧିକ ଅନ୍ତର୍ଜାତୀୟ ବଜାରରୁ ମଧ ଆବେଦନ ଆସିଛି। କୃତ୍ରିମ ବୁଦ୍ଧିମତା (ଏଆଇ) ଓ ଡିପ୍ ଟେକ୍ ଭବିଷ୍ୟତକୁ ବଦଳାଉ ଥିବା ବେଳେ ପ୍ରଯୁକ୍ତି, ଏଆଇ ଓ ଡିପ୍ ଟେକ୍ ସବୁଠାରୁ ଅଧିକ ଆବେଦନ ଆକର୍ଷିତ କରି ପ୍ରମୁଖ ବର୍ଗ ଭାବେ ଉଭା ହୋଇଛି। ଏହି ଆବେଦନଗୁଡ଼ିକ ବିଭିନ୍ନ ଶିଳ୍ପ ଓ ସମୁଦାୟରେ ବାସ୍ତବ ଦୁନିଆର ଆହ୍ୱାନଗୁଡ଼ିକର ସମାଧାନ ପାଇଁ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରକାରର ଅନନ୍ୟ ଚିନ୍ତାଧାରା ଓ ପରିବର୍ତ୍ତନଶୀଳ ଧାରଣାକୁ ପ୍ରଦର୍ଶନ କରିଛି। ଏହି ଆବେଦନଗୁଡ଼ିକ କୃଷି, ଖାଦ୍ୟ ଓ ଗ୍ରାମୀଣ ଅର୍ଥନୀତି, ସ୍ୱାସ୍ଥ୍ୟ ଓ ଫାର୍ମା, ଶିକ୍ଷା, ଖୁଚୁରା, ବାଣିଜ୍ୟ ଓ ଗ୍ରାହକ ଏବଂ ବିନିର୍ମାଣ ଓ ଶିଳ୍ପ ୪.୦ ମଧ୍ୟରେ ବ୍ୟାପକ ପ୍ରତିନିଧିତ୍ୱକୁ ପ୍ରତିଫଳିତ କରିଛି।

ଆବେଦନକାରୀମାନଙ୍କ ମଧ୍ୟରେ ମହିଳା ଉଦ୍ୟୋଗୀ, ଗ୍ରାମୀଣ ପରିବର୍ତ୍ତନକାରୀ ଓ ସ୍ଥାୟୀତ୍ୱ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥିବା ନବସୃଜନକାରୀମାନଙ୍କର ଦୃଢ଼ ଅଂଶଗ୍ରହଣ ଦେଖିବାକୁ ମିଳିଛି। ଏହି ପ୍ରତିକ୍ରିୟା ବନ୍ଦେ ଭାରତମର ସେହି ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି ଯାହା ସ୍ଥାୟୀ ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ପ୍ରଭାବ ସହିତ ସମାଧାନ ପ୍ରସ୍ତୁତ କରୁଥିବା ପରିବର୍ତ୍ତନକାରୀମାନଙ୍କୁ ସଶକ୍ତ କରିବାକୁ ଚାହୁଁଛି। ଏହି ଅବସରରେ ଆଦାନୀ ଗ୍ରୁପର ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନି କହିଛନ୍ତି ଯେ, 'ବନ୍ଦେ ଭାରତମ କୌଣସି ପ୍ରତିଯୋଗିତା ନୁହେଁ, ଏହା ଏକ ଦୃଢ଼ ବିଶ୍ୱାସ। ଏହା ଏକ ବିଶ୍ୱାସ ଯେ ଭାରତକୁ ବଦଳାଇବା ପାଇଁ ପରବର୍ତ୍ତୀ ଚି'ାଧାରା ସେହି ସ୍ଥାନରୁ ଆସିବ ନାହିଁ ଯେଉଁଠାରୁ ଏହା ସବୁବେଳେ ଆସିଥାଏ। ଆମେ ଏହି ଦେଶର ପ୍ରତ୍ୟେକ ରାଜ୍ୟ ଏବଂ ସମଗ୍ର ବିଶ୍ୱରୁ ନବସୃଜନକାରୀମାନଙ୍କୁ ପ୍ରତିକ୍ରିୟା ଦେଉଥିବାର ଦେଖିଛୁ ଏବଂ ଏହା ମୋର ବିଶ୍ୱାସକୁ ଆହୁରି ଦୃଢ଼ କରିଛି। ଭାରତର ସବୁଠାରୁ ମହାନ ଅଧ୍ୟାୟ ବୋର୍ଡରୁମ୍ ଗୁଡ଼ିକରେ ଲେଖାଯାଉ ନାହିଁ। ଏହା ସେହି ଲୋକମାନଙ୍କ ଦ୍ୱାରା ଲେଖାଯାଉଛି ଯେଉଁମାନଙ୍କୁ ପ୍ରଥମରୁ କେବେ କୌଣସି କୋଠରୀ ଦିଆଯାଇ ନଥିଲା। ତାହା ଏବେ ବଦଳୁଛି। 'ଆମେ ଆଗକୁ ବଢ଼ିବା ସହିତ ବନ୍ଦେ ଭାରତମ ଆଶାୟୀ ନବସୃଜନକାରୀ ଓ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ଚିନ୍ତାଧାରାକୁ ସାର୍ଥକ ପ୍ରଭାବ ସୃଷ୍ଟି କରୁଥିବା ସମାଧାନରେ ରୂପାନ୍ତରିତ



କରିବା ପାଇଁ ସଠିକ୍ ସୁଯୋଗ, ମାର୍ଗଦର୍ଶନ ଓ ସହଯୋଗ ପ୍ରଦାନ କରିବ। ମୁଁ ପ୍ରତ୍ୟେକ ଆବେଦନକାରୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏଥିମଧ୍ୟରୁ ଅନେକ ଚିନ୍ତାଧାରା ଏପରି ନବସୃଜନରେ ବିକଶିତ ହେବାର ଦେଖିବାକୁ ଆଶା ରଖିଛି, ଯାହା ଏକ ଶକ୍ତିଶାଳୀ ଓ ଆତ୍ମନିର୍ଭରଶୀଳ ଭାରତ ଗଠନରେ ସହଯୋଗ କରିବ। ଏହି ପ୍ରୟାସ ଯେକୌଣସି ବ୍ୟକ୍ତି, ଯାହାଙ୍କ ପାଖରେ କୌଣସି ଚିନ୍ତାଧାରା, ନବସୃଜନ, ସମାଧାନ କିମ୍ବା ଉଦ୍ୟୋଗୀ ହେବାର ଆକାଂକ୍ଷା ଅଛି ସେମାନଙ୍କ ପାଇଁ ଖୋଲା ରହିଛି। ଅଂଶଗ୍ରହଣକାରୀମାନେ ଝଂବଭୟରଭଷବକ୍ସବସ୍ବଙ୍କ.କ୍ଟକ୍ସଶ ରେ ଏକ ଧାରଣା, ପ୍ରୋଟୋଟାଇପ୍, ପ୍ରାରମ୍ଭିକ ପର୍ଯ୍ୟାୟର ଉଦ୍ୟୋଗ କିମ୍ବା ପ୍ରତିଷ୍ଠିତ ବ୍ୟବସାୟ ସହିତ ଆବେଦନ କରିପାରିବେ।

ଆବେଦନଗୁଡ଼ିକ ନବସୃଜନ, ଉଦ୍ୟୋଗୀ ସାମର୍ଥ୍ୟ, ପ୍ରଭାବ ଓ ବିସ୍ତାର ଯୋଗ୍ୟତା ଉପରେ କେନ୍ଦ୍ରୀଭୂତ ଏକ ମୂଲ୍ୟାଙ୍କନ ପ୍ରକ୍ରିୟା ଦେଇ ଗତି କରିବ। ରାଜ୍ୟ ଓ ଆଞ୍ଚଳିକ ମୂଲ୍ୟାଙ୍କନ ପରେ ୭୫ ଜଣ ଚୂଡ଼ାନ୍ତ ପ୍ରତିଯୋଗୀଙ୍କୁ ଏକ ଗଭୀର କାର୍ଯ୍ୟକ୍ରମ ପାଇଁ ଅହମଦାବାଦ ଆମନ୍ତ୍ରଣ କରାଯିବ ଯେଉଁଥିରେ ମାର୍ଗଦର୍ଶନ, ଶିଳ୍ପ ଜଗତ ସହ ଭାବ ଆଦାନପ୍ରଦାନ ଏବଂ ନିବେଶକ ଓ ବ୍ୟବସାୟିକ ଲିଡରମାନଙ୍କ ସହିତ ଯୋଗାଯୋଗ ସାମିଲ ରହିବ। ଏକତ୍ରିତ ଭାବେ, ସେମାନେ ବିଭିନ୍ନ ଅଞ୍ଚଳ, କ୍ଷେତ୍ର ଏବଂ ସମୁଦାୟର ପ୍ରତିଭାର ଏକ ପ୍ରତିନିଧିତ୍ୱ କରିବେ। ଫାଇନାଲିଷ୍ଟ ମାନେ ମେଂଟର, ନିବେଶକ, ଶିଳ୍ପ ଜଗତର ଲିଡର, ଇନକ୍ୟୁବେସନ୍ ସହଯୋଗ ଓ ରଣନୀତିକ ସହଭାଗିତା ପାଇପାରିବେ ଯାହା ଚିନ୍ତାଧାରାକୁ ଉଦ୍ୟୋଗରେ ରୂପା'ରିତ କରିବାରେ ସାହାଯ୍ୟ କରିପାରିବ। ଏହି କାର୍ଯ୍ୟକ୍ରମରେ ପୁରସ୍କାର ରାଶି ଏବଂ ବର୍ଗ ଭିତ୍ତିକ ସ୍ୱୀକୃତି ମଧ ସାମିଲ ରହିବ ଯାହାର ବିବରଣୀ ପରବର୍ତ୍ତୀ ପର୍ଯ୍ୟାୟରେ ଘୋଷଣା କରାଯିବ। ଭାରତର ସ୍ୱାଧୀନତା ଦିବସ ଆଖପାଖରେ ଆୟୋଜିତ ହେବାକୁ ଥିବା ଗ୍ରାଣ୍ଡ ଫିନାଲେ ଅଂଶଗ୍ରହଣକାରୀ ମାନଙ୍କୁ ମେଂଟର, ନିବେଶକ, ଶିଳ୍ପ ଲିଡର ଓ ସହଯୋଗୀ ନବୋନ୍ମେଷକ ମାନଙ୍କ ସହିତ ଯୋଡୁଥିବା ଏକ ନିରନ୍ତର ପ୍ଲାଟଫର୍ମ ଆରମ୍ଭ କରିବ।

